## ମର୍କତ ନଗର ସେକ୍ଟର-୯ ଆବାସିକ ସଂଘର ନୂତନ କର୍ମକର୍ତ୍ତା

ଭୁବନେଶ୍ୱର,(ବ୍ୟୁରୋ): କଟକ ମର୍କତ ନଗର ସେକ୍ଟର-୯ସ୍ଥିତ ଆବାସିକ ସଂଘର ନୂତନ କର୍ମକର୍ତ୍ତା ମନୋନୀତ ହୋଇଛନ୍ତି। ଏଥିରେ ଯଶୋବନ୍ତ ବେହେରା ସଭାପତି, ଦେବେନ୍ଦ୍ର ନାଥ ପ୍ରଧାନ ଉପସଭାପତି, ସଞ୍ଜୀବ ଶତପଥୀ ସମ୍ପାଦକ, ପ୍ରଦୀପ କୁମାର ଦାଶ ଯୁଗ୍ମ ସମ୍ପାଦକ ଏବଂ ଅକ୍ଷୟ କୁମାର ମହାନ୍ତି କୋଷାଧକ୍ଷ ଭାବେ ମନୋନୀତ ହୋଇଛନ୍ତି। ଏଥିସହିତ କାର୍ଯ୍ୟକାରୀ କମିଟିକୁ ୧୮ ଜଣ, ଉପଦେଷ୍ଟା ମଣ୍ଡଳୀକୁ ୧୧ ଜଣ ସଦସ୍ୟ ମନୋନୀତ ହୋଇଛନ୍ତି। କର୍ମକର୍ତ୍ତା ମନୋନୟନ ପୂର୍ବରୁ ସୋମବାର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ରାମଚନ୍ଦ୍ର ବେହେରା, ହିମାଂଶୁ ଶେଖର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସ୍ଥାନୀୟ ବାସିନ୍ଦାଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା।

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ଓଡ଼ିଶା ପ୍ରଦେଶ କଂଗ୍ରେସ ପକ୍ଷରୁ ସାଧାରଣ ବୈଠକ, କଂଗ୍ରେସ ଭବନ, ପୂର୍ବାହ୍ନ ୧୧ଟା ୩୦।
- ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ଧାରଣା, ଲୋୟର ପିଏମ୍‌ଜି, ଅପରାହ୍ନ ୧ଟା।

## କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲରେ ନନ୍ଦ ଉତ୍ସବ

**କଟକ ଅଫିସ,୧।୯:** କଟକ ଜରିପଡାସ୍ଥିତ କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ମଙ୍ଗଳବାର ପାଳିତ ହୋଇଯାଇଛି। ଏଥିରେ ବିହାରର ଡ. ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର ଯୋଗଦେଇ କହିଥିଲେ, କୃଷ୍ଣମୂର୍ତ୍ତି ୱାର୍ଲ୍ଡ ସ୍କୁଲର ଏହି ଶିକ୍ଷାଦାନ ଶୈଳୀ ଭବିଷ୍ୟତରେ ଶିକ୍ଷା ଜଗତରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ଏହି କାର୍ଯ୍ୟକ୍ରମରେ ନିମନ୍ତ୍ରିତ ଅତିଥି ଭାବେ ସେଣ୍ଟ୍ ଜାଭିୟର୍ସ ଗ୍ରୁପ ଅଫ ସ୍କୁଲର ନିର୍ଦ୍ଦେଶକ ଡ. ପ୍ରଭୁଚରଣ ମହାନ୍ତି, ଡ. ଗୌରୀଶଙ୍କର ପଣ୍ଡା ଓ ସହନିର୍ଦ୍ଦେଶକ ସମ୍ୟକ ମହାନ୍ତି ଯୋଗଦେଇଥିଲେ।

## ୨୪ ଅବସରପ୍ରାପ୍ତ କର୍ମଚାରୀ ସମ୍ବର୍ଦ୍ଧିତ

**କଟକ ଅଫିସ,୧।୯:** ୨୦୨୧ ମସିହାରେ ବୋର୍ଡ ଅଫ୍ ରେଭିନ୍ୟୁରୁ ଅବସର ନେଇଥିବା କର୍ମଚାରୀମାନଙ୍କ ପାଇଁ ବୁଧବାର ସ୍ଥାନୀୟ ଚିତ୍ତବିନୋଦନ କ୍ଲବ୍ ପରିସରରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅବସର ନେଇଥିବା ୨୪ ଜଣ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜସ୍ୱ ପର୍ଷଦ ଚିତ୍ତବିନୋଦନ କ୍ଲବ୍ ଉପସଭାପତି ଭାଗ୍ୟଧର ସାହୁ ସଭା ପରିଚାଳନା କରିଥିବାବେଳେ ସମ୍ପାଦକ ପ୍ରଦ୍ୟୁମ୍ନ ବିଶ୍ୱାଳ, କୋଷାଧକ୍ଷ ଗଗନ ବିହାରୀ ପଟ୍ଟନାୟକ ଓ ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

## ଏସ୍‌ସିବି କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**କଟକ ଅଫିସ,୧।୯:** ଏସ୍‌ସିବି ମେଡିକାଲ କର୍ମଚାରୀ ମାଗି ନାୟକଙ୍କୁ ମଙ୍ଗଳବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେ ନ୍ୟୁରୋ ସର୍ଜରି ବିଭାଗର ଅପରେଶନ ଥିଏଟରରେ ଆଟେଣ୍ଡାଣ୍ଟ ଭାବେ କାର୍ଯ୍ୟ କରି ଆସୁଥିଲେ। କିଛିଦିନ ତଳେ ଦୁର୍ଘଟଣାରେ ସେ ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ତାଙ୍କୁ ଅର୍ଥୋପେଡିକ ବିଭାଗରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଅର୍ଥୋପେଡିକ ବିଭାଗର ମୁଖ୍ୟ ପ୍ରଫେସର ବିଶ୍ୱଜିତ୍ ସାହୁ, ଏସ୍‌ସିବି ଶାଖା ସଂଘ ସମ୍ପାଦକ ପ୍ରସନ୍ନ କୁମାର ସାମଲ, କୋଷାଧକ୍ଷ ଚନ୍ଦନ କୁମାର ପ୍ରଧାନ, ପ୍ରମୋଦ କୁମାର ପୃଷ୍ଟି ଓ ଆର୍ତ୍ତତ୍ରାଣ ବାରିକ ଯୋଗଦେଇ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବଳାତ୍କାର ଅଭିଯୋଗରେ ବୃଦ୍ଧ ଗିରଫ

**କଟକ ସଦର,୧।୯ (ଡି.ଏନ.ଏ.):** ନାବାଳିକା ବଳାତ୍କାର ଅଭିଯୋଗରେ ୪୨ ମୌଜା ଫାଣ୍ଡି ପୋଲିସ ଜଣେ ବୃଦ୍ଧଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ୪୨ମୌଜା ଦ୍ୱିବାଟୀ ଅଞ୍ଚଳର କୈଳାସ ସାମଲ। ଏ ନେଇ କଟକ ସଦର ଥାନାରେ ଏକ ମାମଲା(ନଂ.୫୦୪/୨୧) ରୁଜୁ ହୋଇଛି।

# ଉତ୍କଳ ବିଶ୍ୱବିଦ୍ୟାଳୟରେ ମରଣାନ୍ତକ ଆକ୍ରମଣ

ଭୁବନେଶ୍ୱର,୧।୯(ବ୍ୟୁରୋ)

- ଆଇନ ଛାତ୍ରଙ୍କୁ କାଠଫାଳିଆରେ ମାଡ଼
- ଆକ୍ରମଣର ଭିଡିଓ ଭାଇରାଲ
- ପାଲଟା ଅଭିଯୋଗ ଆଣିଲେ ପୂର୍ବତନ ଛାତ୍ର

କରୋନା ମହାମାରୀ ଯୋଗୁ ଦୀର୍ଘ ଦିନ ଧରି ବନ୍ଦ ରହିଥିବା ବାଣୀବିହାର ଏବେ ଚଳଚଞ୍ଚଳ ହେଲାଣି। ବିଭିନ୍ନ ବିଭାଗରେ କ୍ଲାସ୍‌ରୁମ୍ ପାଠପଢ଼ା ଆରମ୍ଭ ହୋଇଥିବାରୁ ଛାତ୍ରୀଛାତ୍ରଙ୍କ ଗହଳି ଦେଖିବାକୁ ମିଳିଲାଣି। ଅପରପକ୍ଷରେ ନିଜର କର୍ତ୍ତୃତ୍ୱ ଜାହିର କରିବାକୁ ଗୋଷ୍ଠୀବିବାଦ ଏବେ ମୁଣ୍ଡ ଟେକିଲାଣି। ଦିନ ଦ୍ୱିପ୍ରହରେ ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି ଛାତ୍ରଗୋଷ୍ଠୀ। ବୁଧବାର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥ ଗାନ୍ଧୀ ପାର୍କ ନିକଟରେ ଜଣେ ଆଇନଛାତ୍ରଙ୍କୁ ରାସ୍ତାରେ ପକାଇ ଅତି ନିର୍ଦ୍ଦୟ ଭାବରେ କାଠଫାଳିଆରେ ମରଣାନ୍ତକ ଆକ୍ରମଣ କରାଯାଇଛି। ଆକ୍ରମଣର ଶିକାର ହୋଇଥିବା ଯୁବକ ହେଲେ ବିଶ୍ୱବିଦ୍ୟାଳୟ ଲ' କଲେଜରେ ପଢୁଥିବା ତୃତୀୟ ବର୍ଷର ଅଜୟ କୁମାର ପଣ୍ଡା(୨୮)। ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସିତ ହେବା ପରେ ଅଜୟ ଶହୀଦନଗର ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ



ଛାତ୍ର ଅଜୟ କୁମାର ପଣ୍ଡାଙ୍କୁ ମାଡ଼ ମରାଯାଉଛି।

ଆକ୍ରମଣ କରିଥିବା ବିଶ୍ୱବିଦ୍ୟାଳୟର ପୂର୍ବତନ ଛାତ୍ର ସୁବୋଧ ମଲ୍ଲିକ ମଧ୍ୟ ପାଲଟା ଅଭିଯୋଗ ଆଣିଛନ୍ତି। ଛୁରି ଓ ରଡ୍‌ରେ ତାଙ୍କୁ ଆକ୍ରମଣ କରାଯିବା ସହ ଜାତିଆଣ ଆକ୍ଷେପ କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ଏନେଇ ଥାନା ଅଧିକାରୀ ହିମାଂଶୁ ଭୂଷଣ ସ୍ୱାଇଁଙ୍କୁ ଯୋଗାଯୋଗ କରିବାରୁ ସେ ଫୋନ୍ ଉଠାଇ ନ ଥିଲେ। ପରେ ଥାନା ଲ୍ୟାଣ୍ଡଲାଇନ୍‌କୁ ଯୋଗାଯୋଗ କରିବାରୁ ଡିସିଓ କହିଥିଲେ, ଅଭିଯୋଗ ଦେଇଥିବା ଉଭୟ ପକ୍ଷଙ୍କୁ ଆଲୋଚନା ପାଇଁ ଗୁରୁବାର ପୂର୍ବାହ୍ନ ୧୦ଟାରେ ଥାନାକୁ ଡକାଯାଇଛି। ବିଶ୍ୱବିଦ୍ୟାଳୟ ଭିତରେ ସ୍ପଷ୍ଟ ଦିବାଲୋକରେ ଜଣେ ଛାତ୍ରଙ୍କୁ ରାସ୍ତାରେ ତଳେ ପକାଇ ପିଟିବା ଘଟଣା ଆଇନଶୃଙ୍ଖଳା ବ୍ୟବସ୍ଥା ଭୁଶୁଡ଼ି ଯାଇଥିବା କଥାକୁ ସ୍ପଷ୍ଟ ପ୍ରମାଣିତ କରୁଛି।

ଅଜୟଙ୍କ ଅଭିଯୋଗ ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୪ଟା ୫୬ ସମୟରେ ସେ ତାଙ୍କ ସାଙ୍ଗଙ୍କ ସହ ଗାନ୍ଧୀ ପାର୍କ ନିକଟରେ ବସିଥିଲେ। ଏହି ସମୟରେ ଜଣେ ଅଣଛାତ୍ର ହଠାତ୍ ତାଙ୍କୁ ଗାଳି ଦେବା ସହ କାଠଫାଳିଆରେ ବାଡ଼େଇଥିଲେ। ଜଣେ ଛାତ୍ର ତାଙ୍କୁ ଅଟକାଇବାକୁ ଚାହିଁଥିଲେ ବି ରାସ୍ତାରେ ପକାଇ ସମ୍ପୃକ୍ତ ଯୁବକ ଜଣକ ଅଜୟଙ୍କୁ ପିଟି ଚାଲିଥିଲେ। ଅଜୟ ଗୁରୁତର ଅବସ୍ଥାରେ ରାସ୍ତାରେ ପଡ଼ିଥିବାବେଳେ ଆକ୍ରମଣକାରୀ ସେଠାରୁ ଫେରାର ହୋଇଯାଇଥିଲେ। ପରେ ଅଜୟଙ୍କୁ ଅନ୍ୟ ସାଙ୍ଗମାନେ ତାଙ୍କୁ ହସ୍ପିଟାଲରେ ନେଇଯାଇଥିଲେ।




କଟକ ଯୁବଛାତ୍ର ପରିଷଦର ପ୍ରତିନିଧିମାନେ ଜିଲାପାଳଙ୍କୁ ସ୍ମାରକପତ୍ର ଦେବାକୁ ଯାଉଛନ୍ତି।

## ଶୈଳବାଳା କଲେଜକୁ କେନ୍ଦ୍ରୀୟ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ଦାବି

କଟକ ଅଫିସ,୧।୯

କଟକସ୍ଥିତ ଶୈଳବାଳା ମହିଳା କଲେଜକୁ କେନ୍ଦ୍ରୀୟ ଏକକ ବିଶ୍ୱବିଦ୍ୟାଳୟ ମାନ୍ୟତା ପ୍ରଦାନ ପାଇଁ କଟକ ଯୁବଛାତ୍ର ପରିଷଦ ପକ୍ଷରୁ ଦାବି କରାଯାଇଛି । ଏନେଇ ପରିଷଦ ପକ୍ଷରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉଦ୍ଦେଶ୍ୟରେ ବୁଧବାର କଟକ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶାର ସର୍ବପୁରାତନ ଶୈଳବାଳା ମହିଳା ମହାବିଦ୍ୟାଳୟ ଆଜି ଅବହେଳିତ। ଏହାର ବହୁ ପଛରେ ପ୍ରତିଷ୍ଠା ହୋଇଥିବା ରମା ଦେବୀ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିଛି। ହେଲେ ଏପର୍ଯ୍ୟନ୍ତ ଶୈଳବାଳା କଲେଜକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମିଳିପାରିନାହିଁ ବୋଲି ପରିଷଦର ଆବାହକ ଜ୍ୟୋତିରଞ୍ଜନ ପଲାଇ କହିଛନ୍ତି। ଏହି କର୍ଯ୍ୟକ୍ରମରେ ଶାହାନବାଜ ଅଲ୍ଲୀ, ଶେଖ୍ ନସିମ୍, ଅସଦ୍ ରାଜ, ଶୈକ ଫୟାଜ୍, ମହମ୍ମଦ ଇଫତେକାର, ସୌମ୍ୟରଞ୍ଜନ ସିହ୍ନାରାୟ, ଆଦିତ୍ୟ ନାରାୟଣ ଦାସଙ୍କ ସହ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ ।

## ଆନ୍ତର୍ଜାତିକ ଶୁଭେଚ୍ଛା ମହୋତ୍ସବ

କଟକ ଅଫିସ, ୧।୯

ଆମ ଓଡ଼ିଶା ନବବର୍ଷ ମହୋତ୍ସବ କମିଟିର ମହାମିଳନ ପର୍ବ କଟକ ପକ୍ଷରୁ ଭର୍ଚୁଆଲରେ ଆନ୍ତର୍ଜାତିକ ଶୁଭେଚ୍ଛା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ତଥା ବିଚାରପତି ମନୋରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ୨୦୨୧ ସିବିଏସ୍‌ଇ ଦ୍ୱାଦଶ ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଥିବା ଅମ୍ରିତା ବେହୁରାଙ୍କୁ ଶୁଭେଚ୍ଛା ଜଣାଯାଇଥିଲା। ଏହି ଅବସରରେ କୁମାରୀ ବେହୁରାଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସହକୋଷାଧକ୍ଷ ବିଭୁ ପ୍ରସାଦ ନାୟକ ମାନପତ୍ର ପାଠ ଓ ନୀରଦ ଆର୍ଯ୍ୟ ବେଦ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭିଏତନାମ୍ ରାଷ୍ଟ୍ରଦୂତ ମଦନ ମୋହନ ସେଠୀ, ଜାପାନର ପର୍ଯ୍ୟଟନ ଓ ସଂସ୍କୃତି ରାଷ୍ଟ୍ରଦୂତ କୁନା ଦାଶ, ଆମେରିକାର ସୁରେଶ ଲେଙ୍କା, ମ୍ୟାନ୍‌ମାରର ଡ. ଶୀତଲ କୁମାର ପାଲବାବୁ, ବାହାରିନ୍‌ର ଡ. ଅରୁଣ ପ୍ରହରାଜ, ଥାଇଲାଣ୍ଡର ଡ. ଅଦ୍ରିଶ ବ୍ରହ୍ମଦତ୍ତ, ଭିଏତନାମ୍‌ର ଅକ୍ଳେଶ ବିଭୁଦତ୍ତ, ୟୁଏଇର ଅମିୟ ମିଶ୍ର, ଦୁବାଇର ପ୍ରିତିଶ ଦାଶ, ବାଙ୍ଗାଲୋରର ଡ. ଷ୍ଟାଲିନ ମିଶ୍ର, ଚେନ୍ନାଇର କ୍ଷୀରୋଦ ଜେନା, ପଶ୍ଚିମବଙ୍ଗର ପୀତାମ୍ବର ବାରିକ, ଅନୁଷ୍ଠାନର ଉପଦେଷ୍ଟା ଭୁବନେଶ୍ୱର ପ୍ରଧାନ, ଆଥଲେଟିକ୍ ଦୂତୀ ଚାନ୍ଦ, ଯାତ୍ରା କଳାକାର ଦୈତାରି ପଣ୍ଡା, କିନ୍ନର ମହାସଂଘ ସଭାପତି ମୀରା ପରିଡା, ପ୍ରବୋଧ ରାଉତ (ଓଏସ), ପ୍ରଫେସର ମନୋଜ ପଟ୍ଟନାୟକ, ଅଭିନେତା ସ୍ୱରାଜ ବାରିକ, ଅଭିନେତ୍ରୀ ଭୂମିକା ଦାଶ, ଅନୁଷ୍ଠାନର ଉପାଧକ୍ଷ ସୂର୍ଯ୍ୟ ରଥ, ହାସନ ଆକବର ଅଲ୍ଲୀ, ପ୍ରଭୁଚରଣ ମହାନ୍ତି ପ୍ରମୁଖ ସାମିଲ ହୋଇ ଶୁଭେଚ୍ଛା ଜଣାଇଥିଲେ । ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁକାନ୍ତ ମହାନ୍ତି ଉତ୍ସବ ପରିଚାଳନା ଓ ଉପସଭାପତି ଗୌତମ ପରିଡ଼ା ଧନ୍ୟବାଦ ଦେଇଥିଲେ।

## ମନ୍ଦିରରୁ ପଞ୍ଚମୁଖୀ ହନୁମାନ ମୂର୍ତ୍ତି ସ୍ଥାନାନ୍ତର

କଟକ ସଦର, ୧।୯ (ଡି.ଏନ.ଏ.)

- ୧୪୪ ଧାରା ଜାରି
- ଆଜି ଭଙ୍ଗାଯିବ ମନ୍ଦିର

କିଶନ ନଗର ତହସିଲ ଅଧୀନ ରଟିଲୋସ୍ଥିତ ପଞ୍ଚମୁଖୀ ହନୁମାନ ମନ୍ଦିର ଗୁରୁବାର ଭଙ୍ଗାଯିବ। ବୁଧବାର ସନ୍ଧ୍ୟାରେ କଡା ସୁରକ୍ଷା ମଧ୍ୟରେ ଜିଲା ପ୍ରଶାସନ ପକ୍ଷରୁ ମନ୍ଦିର ମଧ୍ୟରୁ ହନୁମାନ ମୂର୍ତ୍ତିକୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ସକାଳେ ରଟିଲୋ ଓ କିଶୋର ନଗର ପଞ୍ଚାୟତ ଅଞ୍ଚଳରେ ୧୪୪ ଧାରା ଜାରି କରାଯାଇ ଡାକବାଜି ଯନ୍ତ୍ରରେ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା। ସୂଚନାଯୋଗ୍ୟ, ବେଆଇନ ଭାବେ ନିର୍ମାଣ ହୋଇଥିବା ଏହି ମନ୍ଦିର ଭାଙ୍ଗିବା ପାଇଁ ଦିଲ୍ଲୀପ କୁମାର ସାମନ୍ତରାୟ ନାମକ ଜଣେ ସ୍ୱେଚ୍ଛାସେବୀ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍‌ଜିଟି)ରେ ପିଟିଶନ ଦାଏର କରିଥିଲେ। ୧୫।୧୨।୨୦୨୦ରେ ଏନ୍‌ଜିଟି ଏହାର ଶୁଣାଣି କରି ମନ୍ଦିର ଭାଙ୍ଗିବା ପାଇଁ କଟକ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଅନ୍ୟପକ୍ଷରେ ମନ୍ଦିର ନ ଭାଙ୍ଗିବା ପାଇଁ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ମାମଲା ଦାଏର କରାଯାଇଥିଲେ ମଧ୍ୟ ସୁଫଳ ମିଳି ନ ଥିଲା।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନନ୍ତ



@ ନିଶାଙ୍କ



@ ସମ୍ବିତ୍



@ ବାଦଲ



@ ସରୋଜ



@ ହାଇଦର

## ସଦ୍‌ଗୁରୁ ହସ୍ପିଟାଲରେ ହେଲ୍ପଡେସ୍କ



ସଦ୍‌ଗୁରୁ ହସ୍ପିଟାଲରେ ଜିଲାପାଳ ଭବାନୀ ଶଙ୍କର ଚୟନୀଙ୍କ ସହ ଅନ୍ୟମାନେ।

କଟକ ଅଫିସ,୧।୯

କଟକସ୍ଥିତ ସଦ୍‌ଗୁରୁ ହସ୍ପିଟାଲରେ ବୁଧବାର ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ)ର ହେଲ୍ପ ଡେସ୍କ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜିଲାପାଳ ଭବାନୀ ଶଙ୍କର ଚୟନୀ ଉଦ୍‌ଘାଟନ କରି କହିଥିଲେ, ବିଏସ୍‌କେୱାଇ ସହିତ ଜନସାଧାରଣ ଯୋଡିହେବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହି ହସ୍ପିଟାଲରେ ବିଏସ୍‌କେୱାଇ ଅଧୀନରେ ଆସୁଥିବା ରୋଗୀଙ୍କୁ ମାଗଣାରେ ସମସ୍ତ ଚିକିତ୍ସା କରାଯିବ। ଅନ୍ୟପକ୍ଷରେ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡା. ପ୍ରଦୀପ କୁମାର ମହାନ୍ତି କହିଛନ୍ତି, ଏହି ହେଲ୍ପ ଡେସ୍କ ଦ୍ୱାରା ରୋଗୀ ଓ ରୋଗୀ ସମ୍ପର୍କୀୟ ସମସ୍ତ ତଥ୍ୟ ସଂଗ୍ରହ କରିପାରିବେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଜିଲା କୋଭିଡ୍ ନୋଡାଲ ଅଧିକାରୀ ଡା. ଉମେଶ ରାୟ, ବିଏସ୍‌କେୱାଇର ନୋଡାଲ ଅଫିସର ଡା. ସମ୍ବିତ ବେହେରା, କଟକ ଜିଲା ଭାଜପା ସଭାପତି ପ୍ରକାଶ ବେହେରା, ନିର୍ଦ୍ଦେଶକ ରାହୁଲ ପ୍ରତ୍ୟୁଷ ମହାନ୍ତି, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସମିତା ମହାନ୍ତି, କମ୍ୟୁନିକେଶନ ଡାଇରେକ୍ଟର ନୋବିନା ବୋଥାକୁ ମହାନ୍ତିଙ୍କ ସମେତ ହସ୍ପିଟାଲର ସମସ୍ତ ଡାକ୍ତର ଓ କର୍ମଚାରୀ ଉପସ୍ଥିତ ରହିଥିଲେ। ସୂଚନାଯୋଗ୍ୟ, ବିଏସ୍‌କେୱାଇରେ ଲୋକଙ୍କୁ ମାଗଣା ଚିକିତ୍ସା ଯୋଗାଇବା ପାଇଁ ରାଜ୍ୟ ସରକାର ଉଦ୍ୟମ ଜାରି ରଖିଛନ୍ତି।

## ରାଷ୍ଟ୍ରୀୟ ପଛୁଆ ବର୍ଗ ମହାସଂଘର ତହସିଲ ଅଫିସ ଘେରାଉ

ବାରଙ୍ଗ,୧।୯(ଡି.ଏନ୍.ଏ.)

ବାରଙ୍ଗ ତହସିଲ ଅଧୀନ ବିଦ୍ୟାଧରପୁର ମୌଜା ସିଡିଏ ସେକ୍ଟର ୨ରେ ଥିବା ଦଳିତମାନଙ୍କର ୧୮୦ଏକର ଜମିକୁ ଚଞ୍ଚକତା କରି ପ୍ରଶାସନ ହାତେଇବା ଓ କୋର୍ଟର ନିର୍ଦ୍ଦେଶ ପରେ ବି ପ୍ରଶାସନ ନ ମାନିବା ପ୍ରତିବାଦରେ ବୁଧବାର ରାଷ୍ଟ୍ରୀୟ ପଛୁଆବର୍ଗ ମହାସଂଘ ପକ୍ଷରୁ ତହସିଲ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ମହାସଂଘର ରାଜ୍ୟ ପ୍ରଭାରୀ ସଞ୍ଜିତ ସାମଲ ଓ ଭାସ୍କର ସାହୁଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ ଯୋଗଦେଇଥିଲେ। ଏମାନଙ୍କ ଅଭିଯୋଗ ଯେ, ଏହି ଜମିର ମୂଳ ପରିମାଣ ୨୮୮ଏକରରୁ ୧୮୦ଏକର ପରିମିତ ଜାଗାକୁ ୧୮୦ଜଣ ଦଳିତ ପରିବାରକୁ ଭୁସଂସ୍କାର ଆଇନବଳରେ ୧୯୭୬ ମସିହାରେ ଦିଆଯାଇଥିଲା। ଏମାନେ ପଟ୍ଟା କରିବା ସହ ପାଉତି ମଧ୍ୟ କାଟିଥିଲେ। କିନ୍ତୁ ପ୍ରସାଶନ ପକ୍ଷରୁ ଦଳିତମାନଙ୍କୁ ମିଳିଥିବା ଏହି ୧୮୦ଏକର ସ୍ଥିତିବାନ ଜାଗାକୁ ସରକାରୀ ଖାତାକୁ ଚାଲିଗଲା କିନ୍ତୁ ବାକି ରହିଯାଇଥିବା ୧୦୮ଏକର ଜାଗା ଏବେ ବି ସ୍ଥିତିବାନ ହୋଇରହିଛି। ପ୍ରଶାସନ ଦଳିତଙ୍କୁ ହଇରାଣ କରୁଥିବା ସଂଘ ଅଭିଯୋଗ କରିଛି। ତହସିଲଦାର ସଂକଳ୍ପ ସ୍ୱସ୍ତିକ ସାହୁ ଲୋକଙ୍କ ସହ ଆଲୋଚନା କରି ଦାବିପତ୍ର ନେବାସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇ ପଦକ୍ଷେପ ଗ୍ରହଣ କରିବାକୁ କହିଥିଲେ।

## ଶ୍ରମିକଙ୍କ ବକେୟା ପ୍ରାପ୍ୟ ପ୍ରଦାନ କରାଯାଉ

ଟାଙ୍ଗୀ(କଟକ)୧।୯(ଡି.ଏନ୍.ଏ.)

**୧୭ ବର୍ଷରେ ଓଟିଏମ୍ ବଞ୍ଚାଅ ଆନ୍ଦୋଳନ**

ଚୌଦ୍ୱାରଠାରେ ଥିବା ଓଡ଼ିଶା ଟେକ୍ସଟାଇଲ ମିଲ୍ସ (ଓଟିଏମ୍) ୨୦୦୧ରୁ ବନ୍ଦ ରହିଛି। ଫଳରେ ଏଠାରେ କାର୍ଯ୍ୟ କରୁଥିବା ୨୦୦୦ରୁ ଊର୍ଦ୍ଧ୍ୱ ଶ୍ରମିକ ଓ କର୍ମଚାରୀ ସେମାନଙ୍କ ବକେୟା ପ୍ରାପ୍ୟ ପାଇନାହାନ୍ତି। ବକେୟାପ୍ରାପ୍ୟ ପ୍ରଦାନ ଓ ଓଟିଏମ୍‌ର ପୁନରୁଦ୍ଧାର ଦାବିରେ ୨୦୦୫ରୁ ଓଟିଏମ୍ ଗେଟ୍ ସମ୍ମୁଖରେ ଅହୋରାତ୍ର ଧାରଣା ଓ ଆନ୍ଦୋଳନ ଜାରି ରହିଛି। ଓଟିଏମ୍ ବଞ୍ଚାଅ ସଙ୍ଗଠନ ପକ୍ଷରୁ ଚାଲିଥିବା ଏହି ଆନ୍ଦୋଳନ ବୁଧବାର ୧୭ ବର୍ଷରେ ପହଞ୍ଚିଛି। ଏହି ଅବସରରେ ଓଟିଏମ୍ ଗେଟ୍ ସମ୍ମୁଖରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଙ୍ଗଠନର ଆବାହକ ଦୀପକ କୁମାର ବାରିକ କହିଛନ୍ତି, ବନ୍ଦ ରହିଥିବା ଓଟିଏମ୍‌କୁ ସରକାରଙ୍କ ପ୍ରସ୍ତାବିତ ଇଣ୍ଟିଗ୍ରେଟେଟ ଟେକ୍ସଟାଇଲ ପାର୍କରେ ପରିଣତ କରିବା ଓ ଶ୍ରମିକମାନଙ୍କ ବକେୟା ପାଉଣା ପରିଶୋଧ କରିବା ଆମର ମୁଖ୍ୟ ଦାବି ରହିଛି। ଏହି ଆନ୍ଦୋଳନରେ ବିଷ୍ଣୁ ପ୍ରସାଦ ରଥ, ଦୁଲାଳସେନ ସ୍ୱାଇଁ, ସରୋଜ ନାଏକ, ନବ କିଶୋର ଭୂୟାଁ, ବିଜୟ ସାହୁ, ରବୀନ୍ଦ୍ର ସ୍ୱାଇଁ, ଭୁବନାନନ୍ଦ ମହାରଣା, ବଂଶୀଧର ରାଉତ, ମନିନ୍ଦ୍ର ପାତ୍ର, ବିଷ୍ଣୁ ମହାରଣା ଓ ବଜ୍ର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

ମିଲ୍ ବନ୍ଦ ହେବାଠାରୁ ଏପର୍ଯ୍ୟନ୍ତ ବକେୟା ପ୍ରାପ୍ୟ ପାଇ ନ ଥିବା ଶ୍ରମିକ ଓ କର୍ମଚାରୀମାନେ ନିଜ ପରିବାରକୁ ଧରି ଦୁଃଖକଷ୍ଟରେ ଚଳୁଛନ୍ତି। ବକେୟା ପ୍ରାପ୍ୟକୁ ଚାହିଁଚାହିଁ ଇତିମଧ୍ୟରେ ୭୦୦ରୁ ଊର୍ଦ୍ଧ୍ୱ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ୨୦୧୫ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏକ ଉଚ୍ଚସ୍ତରୀୟ ବୈଠକ ଡକାଯାଇଥିଲା। ସେଥିରେ ଇଡ୍‌କୋକୁ ଜମି ହସ୍ତାନ୍ତର କରି ଏକ ସମନ୍ୱିତ ବୟନ ଶିଳ୍ପବିହାର ପ୍ରତିଷ୍ଠା ପାଇଁ ନିଷ୍ପତ୍ତି ହୋଇଥିଲା। ଏହାକୁ ଏପର୍ଯ୍ୟନ୍ତ କାର୍ଯ୍ୟକାରୀ କରାଯାଇନାହିଁ।

## ଏଲ୍‌ଆଇସି କଟକ ମଣ୍ଡଳର ବୀମା ସପ୍ତାହ

କଟକ ଅଫିସ,୧।୯

ଭାରତୀୟ ଜୀବନବୀମା ନିଗମ (ଏଲ୍‌ଆଇସି)ର ୬୫ ବର୍ଷ ପୂର୍ତ୍ତି ପାଳନ କରାଯାଉଛି। ଏହି ଅବସରରେ କଟକ ମଣ୍ଡଳ ପକ୍ଷରୁ ବୀମା ସପ୍ତାହ ଆରମ୍ଭ ହୋଇଛି। ବରିଷ୍ଠ ମଣ୍ଡଳ ପ୍ରବନ୍ଧକ ଅନନ୍ତ ଭୂଷଣ ରଥ ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିଲେ। ଏହି ଦିବସ ଉପଲକ୍ଷେ ବିବିଧ ତଥ୍ୟ ଉପରେ ସେ ସମସ୍ତଙ୍କୁ ଅବଗତ କରାଇଥିଲେ। ବୀମା ସପ୍ତାହ ଅବସରରେ ମଣ୍ଡଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ ହେବ ବୋଲି ରଥ ସୂଚନା ଦେଇଛନ୍ତି। ଗତ ଆର୍ଥିକ ବର୍ଷରେ କଟକ ମଣ୍ଡଳ ୪.୮୮ ଲକ୍ଷ ପଲିସି ବିକ୍ରିକରି ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛି। ୮୯୫.୯୫ କୋଟି ଟଙ୍କାର ନୂତନ ପ୍ରିମିୟମ ଆୟକରି ଜୋନ୍‌ରେ ପ୍ରଥମ ସ୍ଥାନ ଓ ସର୍ବଭାରତୀୟ ସ୍ତରରେ ଷଷ୍ଠ ସ୍ଥାନରେ ରହିଛି। ପଲିସି ଅବଧି ଦାବି ବାବଦକୁ ୪୬୦.୬୭ କୋଟି ଟଙ୍କା ପ୍ରଦାନ କରିଥିବା ବେଳେ ପରିପକ୍ୱ ଦାବି ବାବଦକୁ ୯୫୭.୦୪ କୋଟି, ମୃତ୍ୟୁକାଳୀନ ଦାବି ବାବଦକୁ ୧୭୧.୦୧କୋଟି ଟଙ୍କା ବୀମାଧାରୀଙ୍କୁ ଧାର୍ଯ୍ୟ ସମୟରେ ପ୍ରଦାନ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଚଳିତ ଆର୍ଥିକ ବର୍ଷରେ ୫.୩୦ ଲକ୍ଷ ପଲିସି ବିକ୍ରି ଏବଂ ୧ ହଜାର କୋଟି ଟଙ୍କା ପ୍ରିମିୟମ ଆଦାୟ କରିବାକୁ ଲକ୍ଷ୍ୟ ରଖାଯାଇଛି। କାର୍ଯ୍ୟକ୍ରମରେ ବରିଷ୍ଠ ମଣ୍ଡଳ ପ୍ରବନ୍ଧକଙ୍କ ସହ ବିପଣନ ପ୍ରବନ୍ଧକ ପଞ୍ଚାନନ ବେହେରା ଏବଂ ଶ୍ୟାମଳକାନ୍ତି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଏଲ୍‌ଆଇସି ଅଧିକାରୀମାନେ।

## ଆଜୀବନ କାରାଦଣ୍ଡ ଭୋଗୁଥିବା ଅଭିଯୁକ୍ତ ନିର୍ଦ୍ଦୋଷରେ ଖଲାସ

କଟକ ଅଫିସ: ବଳାତ୍କାର ଓ ହତ୍ୟା ମାମଲାରେ ଗିରଫ ହୋଇ ଆଜୀବନ କାରାଦଣ୍ଡ ଭୋଗୁଥିବା ଭିକାରୀ ବେହେରାଙ୍କୁ ବୁଧବାର ହାଇକୋର୍ଟ ନିର୍ଦ୍ଦେଶରେ ଖଲାସ କରିଛନ୍ତି। ନିମ୍ନ ଅଦାଲତଙ୍କ ରାୟକୁ ଚ୍ୟାଲେଞ୍ଜକରି ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ରାୟ ଦେଇଛନ୍ତି। ସୂଚନାଯୋଗ୍ୟ, ବଲାଙ୍ଗୀର ଜିଲା ପାଟଣାଗଡ଼ ବାଗିହରଣ ଗ୍ରାମର ଭିକାରୀ ସ୍ଥାନୀୟ ଜଣେ ଯୁବତୀଙ୍କୁ ପ୍ରେମ କରୁଥିଲେ। ୨୦୧୫ ଅଗଷ୍ଟ ୨୫ରେ ତାଙ୍କ ମୃତଦେହ ମିଳିଥିଲା। ବଳାତ୍କାର ଓ ହତ୍ୟା ଅଭିଯୋଗରେ ଖପ୍ରାଖୋଲ ପୋଲିସ ତାଙ୍କୁ ଗିରଫ କରିଥିଲା।

## ସଂକ୍ଷେପରେ

### ସପ୍ତାହାନ୍ତ ୨ ଦିନ ବନ୍ଦ ରହିବ ଶ୍ରୀମନ୍ଦିର

ପୁରୀ ଅଫିସ,୧।୯: ପୁରୀ ଜିଲାର ସମସ୍ତ ଧାର୍ମିକ ଅନୁଷ୍ଠାନରେ ସବୁଦିନ ସର୍ବସାଧାରଣ ଦର୍ଶନ ହେବ। କେବଳ ଶ୍ରୀମନ୍ଦିରରେ ସପ୍ତାହାନ୍ତ ଦୁଇଦିନ ଦର୍ଶନ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ବୁଧବାର ନୂଆ ଗାଇଡଲାଇନ୍‌ରେ ସ୍ପଷ୍ଟ କରିଛି। ରାଜ୍ୟ ସରକାରଙ୍କ ସେପ୍ଟେମ୍ବର ଗାଇଡ୍ ଲାଇନ୍ ଆସିବା ପରେ ପୁରୀ ଜିଲା ପାଇଁ ପ୍ରଶାସନ ଏହି ଗାଇଡଲାଇନ୍ ଜାରି କରିଛି। ଏ ନେଇ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତ ମାସର ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ଶ୍ରୀମନ୍ଦିର ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଆସନ୍ତା ଦିନରେ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ।

### ଅବକାରୀ ଚଢ଼ାଉ, ୪ ଗିରଫ

ବାରଙ୍ଗ,୧।୯(ଡି.ଏନ୍.ଏ.): ନନ୍ଦନକାନନ ଥାନା କେନ୍ଦୁପାଟଣା ଓ ପାଦସାହି ଗ୍ରାମରେ ଅବକାରୀ ବିଭାଗ ଚଢ଼ାଉ କରି ୩୮୦ଲିଟର ଦେଶୀମଦ ସହ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମଦ ଡିପୋର ମୁଖ୍ୟ କେନ୍ଦୁପାଟଣା ଗ୍ରାମର ଦିନବନ୍ଧୁ ଦାସ(ଛବି) ଓ ତାଙ୍କ ସହଯୋଗୀ ବାଦଲ ସାମଲ, ରୋହିତ ନାୟକ, କାଳିଆ ଭୋଇ। ବାରଙ୍ଗ ଅଞ୍ଚଳ ଦେଇ ପ୍ରତ୍ୟହ ଆଠଗଡ଼ରୁ ଦେଶୀମଦ ଆସି କେନ୍ଦୁପାଟଣା ଗ୍ରାମରେ ଗଚ୍ଛିତ ରହିବା ପରେ ଅନ୍ୟ ସ୍ଥାନକୁ ଚାଲଣ ହେଉଥିଲା। କଟକ ଗୋଇନ୍ଦା ବିଭାଗ ଆରକ୍ଷୀ ଉପଅଧୀକ୍ଷକ ପ୍ରବୀର ସାମଲଙ୍କ ନିର୍ଦ୍ଦେଶକ୍ରମେ ନିରୀକ୍ଷକ ରବିନାରାୟଣ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଅବକାରୀ ବିଭାଗ ଏକ ଟିମ୍ ବୁଧବାର ସକାଳେ କେନ୍ଦୁପାଟଣା ଓ ପଦାସାହି ଗ୍ରାମରେ ଚାଲୁଥିବା ଚୋରା ଦେଶୀମଦ ଡିପୋ ଉପରେ ଚଢ଼ାଉ କରିଥିଲେ। ଏକ ସ୍କୁଟି ଓ ଦେଶୀମଦ ପ୍ୟାକେଟ ନିର୍ମାଣ ସାମଗ୍ରୀ ଜବତ କରିଛନ୍ତି।

### ଗଙ୍ଗାଧର ପାଇକରାୟଙ୍କ ସ୍ମୃତି ସମାରୋହ

ଭୁବନେଶ୍ୱର, ୧।୯(ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମୀ, କୃଷକ ଆନ୍ଦୋଳନର ନେତା ତଥା ପୂର୍ବତନ ବିଧାୟକ ଗଙ୍ଗାଧର ପାଇକରାୟଙ୍କ ୨୨ତମ ସ୍ମୃତି ସମାରୋହ ୟୁନିଟ-୩ସ୍ଥିତ ଗଙ୍ଗାଧର ଭବନରେ ପାଳିତ ହୋଇଯାଇଛି। ସ୍ମୃତି କମିଟି ସଭାପତି ପ୍ରଫେସର ନୀଳମଣି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ କମିଟି ସମ୍ପାଦକ ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସିପିଆଇ କେନ୍ଦ୍ରୀୟ କମିଟି ସଭ୍ୟ ଦିବାକର ନାୟକ, ଆଶିଷ କାନୁନ୍‌ଗୋ, ପ୍ରଫେସର ବିଜୟ ବହିଦାର ପ୍ରମୁଖ ଦେଶର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିବା ସହ ପାଇକରାୟଙ୍କ ଅମ୍ଳାନ ସ୍ମୃତିକୁ ଆଗେଇ ନେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟ, ରାମକୃଷ୍ଣ ପଣ୍ଡା, କ୍ଷୀରୋଦ ସିଂଦେଓ, ସୁର ଜେନା, ନାରାୟଣ ରେଡ୍ଡି, ଶରତ ପାଇକରାୟ, ଶ୍ରୀକାନ୍ତ ମିଶ୍ର, ପ୍ରହ୍ଲାଦ ସିହ୍ନା, ସତୀଶ ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

### ସିବି ଶତପଥୀ କଲ୍‌ଚରାଲ ଫାଉଣ୍ଡେଶନ ଦେଲା ଅକ୍ସିଜେନ କନ୍‌ସନଟ୍ରେଟର

ଭୁବନେଶ୍ୱର, ୧।୯(ବ୍ୟୁରୋ): ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ପ୍ରେରଣାରେ ଗଠିତ ସିବି ଶତପଥୀ କଲଚରାଲ ଫାଉଣ୍ଡେଶନ, ଗୁରୁଗ୍ରାମ ପକ୍ଷରୁ ରାଜ୍ୟରେ କୋଭିଡ୍ ଚିକିତ୍ସା ସୁବିଧା ନିମନ୍ତେ ୨୧ଟି ଅକ୍ସିଜେନ କନସନ୍‌ଟ୍ରେଟର ପ୍ରଦାନ କରାଯାଇଛି। ଗୁର୍‌ଗାଓଁଠାରୁ ଏହି ଅକ୍ସିଜେନ କନସନ୍‌ଟ୍ରେଟର ଭୁବନେଶ୍ୱରରେ ପହଞ୍ଚିବା ପରେ ଓଡ଼ିଶା ରାଜ୍ୟ ମେଡ଼ିକାଲ କର୍ପୋରେଶନ ଲିଃକୁ ହସ୍ତାନ୍ତର କରାଯାଇଥିଲା। ମେଡିକାଲ କର୍ପୋରେଶନ ଲିଃର ପରିଚାଳନା ନିର୍ଦ୍ଦେଶକ ଯାମିନୀ ଷଡ଼ଙ୍ଗୀ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ ମହାପାତ୍ର ଉପସ୍ଥିତ ଥିଲେ।

# ସର୍ବସାଧାରଣଙ୍କ ଲାଗି ଖୋଲିଲା ଲିଙ୍ଗରାଜ ମନ୍ଦିର

## ୧ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଦର୍ଶନ କଲେ

ପୁରୁଣା ଭୁବନେଶ୍ୱର,୧।୯(ଡି.ଏନ୍.ଏ.)

କୋଭିଡ୍-୧୯ ଦ୍ୱିତୀୟ ଲହର ପାଇଁ ଦୀର୍ଘ ୩ ମାସ ପରେ ବୁଧବାର ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲା ହୋଇଛି। ପ୍ରଥମ ଦିନରେ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସି କୋଭିଡ୍ ଗାଇଡ୍‌ଲାଇନ ମାନି ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରି ଆତ୍ମ ସନ୍ତୋଷ ପ୍ରାପ୍ତ କରିଛନ୍ତି। ଅପରାହ୍ନ ୪ଟା ସୁଦ୍ଧା ପ୍ରାୟ ୧ହଜାରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି ଅବକାଶ ପରେ ସାହାଣମେଲା ହୋଇଥିଲା। ଏହାପରେ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଇଥିଲା। ମାସ୍କ, ସାନିଟାଇଜର ସହ ସମଦୂରତା ରଖି ଭକ୍ତମାନେ ମନ୍ଦିରର ମୁଖ୍ୟଦ୍ୱାରରେ ପ୍ରବେଶ କରି ଆଡ଼ପକାଠ ନିକଟରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ତେବେ ଶ୍ରଦ୍ଧାଳୁଙ୍କ ପ୍ରବେଶ ସମୟରେ କେତେଜଣ ବରିଷ୍ଠ ନାଗରିକ ଓ ଛୋଟ ପିଲାଙ୍କୁ ମନ୍ଦିର ପ୍ରବେଶ ବାରଣ କରାଯାଇଥିଲା। ଅନେକ ପର୍ଯ୍ୟଟକଙ୍କ ସାଙ୍ଗରେ ଛୋଟପିଲା ଏବଂ ବରିଷ୍ଠ ନାଗରିକମାନେ ରହିଥିଲେ। ସେମାନେ ଯଦିଓ କୋଭିଡ୍ କଟକଣାର ଗାଇଡ୍‌ଲାଇନ ମାନୁଥିବା ଦର୍ଶାଇଥିଲେ କିନ୍ତୁ ଚେକିଂ କରୁଥିବା କର୍ମଚାରୀମାନେ ସେମାନଙ୍କୁ ମନ୍ଦିର ପ୍ରବେଶ ମନା କରାଯାଇଥିଲା। ଏହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୁରୀରେ ସମସ୍ତଙ୍କୁ ଶ୍ରୀମନ୍ଦିର ପ୍ରବେଶ କରାଯାଉଥିବାବେଳେ ଏଠାରେ କ'ଣ ଆଇନି ଅଲଗା ବୋଲି ଜଣେ ଶ୍ରଦ୍ଧାଳୁ ପ୍ରଶ୍ନ କରିଛନ୍ତି।



# ସର୍ଦ୍ଦାରୀ ମହାରଣା ଟିମ୍‌କୁ ଅଣଦେଖା



ମହାରଣା ସେବାୟତମାନେ ପାଲିଙ୍କି ନିର୍ମାଣ କରୁଛନ୍ତି।

## ଶ୍ରୀଲିଙ୍ଗରାଜଙ୍କ ବିମାନ, ପାଲିଙ୍କି ନିର୍ମାଣ ପ୍ରସଙ୍ଗ

ପୁରୁଣା ଭୁବନେଶ୍ୱର,୧।୯(ଡି.ଏନ୍.ଏ.)

ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ବିଭିନ୍ନ ଯାନିଯାତ୍ରାରେ ବିମାନ ଓ ପାଲିଙ୍କି ବ୍ୟବହାର ହେଉଛି। ହେଲେ ଏହି ଗୋଟିଏ ବିମାନ ଓ ପାଲିଙ୍କି ବର୍ଷ ବର୍ଷ ଧରି ବ୍ୟବହାର ହେଉଥିବାରୁ ତାହା ପୁରୁଣା ସହ ଅବକ୍ଷୟ ହୋଇପଡ଼ିଛି। ତେଣୁ ନିକଟରେ ମନ୍ଦିର ପ୍ରଶାସନ ଏହାକୁ ସମ୍ପୂର୍ଣ୍ଣ ବଦଳାଇବାକୁ ଯୋଜନା କରିଥିଲେ। ଶେଷରେ ସହୃଦୟ ବ୍ୟକ୍ତି ମନୋଜ ନାୟକ ଏହି ଦୁଇଟି ବିମାନ ଓ ପାଲିଙ୍କି ନିର୍ମାଣର ଭାର ସମ୍ଭାଳିଥିଲେ। ଶ୍ରୀଲିଙ୍ଗରାଜ ମନ୍ଦିରର ଦକ୍ଷିଣ ଦ୍ୱାର ନିକଟସ୍ଥ ଏକ ଅସ୍ଥାୟୀ ଘରେ ଠାକୁରଙ୍କ ବିମାନ ଓ ପାଲିଙ୍କି ନିର୍ମାଣ କାର୍ଯ୍ୟ ଗତ ୧୫ଦିନ ହେବ ଆରମ୍ଭ ହୋଇସାରିଛି। ଶାଗୁଆନ କାଠରେ ୪'୨'' ବର୍ଗାକାର ଏବଂ ୬'ର ପାଲିଙ୍କି ପାଇଁ ପ୍ରସ୍ତୁତି ଚାଲିଛି। ଦୁଇଟି ଉପକରଣ ପାଇଁ ମହାରଣା କାରିଗରଙ୍କ ମଜୁରି ଛାଡ଼ି ୨.୫ରୁ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ସ୍ଥିର ହୋଇଛି। ପୂର୍ବ ବିମାନ ପାଲିଙ୍କିଠାରୁ ସାମାନ୍ୟ ବୃଦ୍ଧି କରାଯିବ ଏବଂ ପ୍ରତ୍ୟେକ କାରୁକାର୍ଯ୍ୟକୁ ଗଭୀରତମ ଖୋଦନ କରାଯାଇ ପ୍ରତିକୃତିଗୁଡ଼ିକ ଆକୃଷ୍ଟ କରାଯିବା ଭଳି ନୂଆ ଲକ୍ଷ୍ୟ ରଖାଯାଇଥିବା ନିର୍ମାଣକାରୀ ମହାରଣା ସେବାୟତ ପୁରୀ ମାର୍କଣ୍ଡେୟ ସାହିର ଦାଶରଥି ମହାରଣା କହିଛନ୍ତି। ତାଙ୍କ ସହିତ ତ୍ରିନାଥ ମହାରଣା ଏବଂ ପ୍ରକାଶ ମହାରଣା ଦୁଇ ମହାରଣା କାରିଗର ସହଯୋଗ କରୁଛନ୍ତି। ଏହି କାର୍ଯ୍ୟ ସମ୍ପନ୍ନ ହେବା ପାଇଁ ଅତିକମ୍‌ରେ ୫ମାସ ଲାଗିବ ବୋଲି ଦାଶରଥି କହିଛନ୍ତି। ହେଲେ ଏହି ନିର୍ମାଣ କାର୍ଯ୍ୟରେ ସର୍ଦ୍ଦାର ମହାରଣା ଟିମ୍‌କୁ ଅଣଦେଖା କରାଯାଉଥିବା ଅଭିଯୋଗ ହୋଇଛି।

ପିତୃ ପୁରୁଷ ଅମଳରୁ ସର୍ଦ୍ଦାରୀ ବଟକୃଷ୍ଣ ମହାରଣାଙ୍କ ସମେତ ୭ରୁ ଊର୍ଦ୍ଧ୍ୱ ସେବାୟତଙ୍କୁ ନେଇ ଗଠିତ ଟିମ୍ ଶ୍ରୀଲିଙ୍ଗରାଜଙ୍କ ରୁକୁଣା ରଥ ନିର୍ମାଣ କରିଆସୁଛନ୍ତି। ଏପରିକି ଚନ୍ଦନଯାତ୍ରା ପାଇଁ ବ୍ୟବହୃତ ଚାପଡ଼ଙ୍ଗା ମଧ୍ୟ ନିର୍ମାଣ କରୁଛନ୍ତି। ଦୀର୍ଘଦିନ ଧରି ଠାକୁରଙ୍କ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଏହି ମହାରଣା ସେବାୟତ ଟିମ୍‌କୁ ମନ୍ଦିର ପ୍ରଶାସନ ବିମାନ ପାଲିଙ୍କି ନିର୍ମାଣରେ ଅଣଦେଖା କରିଥିବାରୁ ଅସନ୍ତୋଷ ଦେଖାଦେଇଛି। ମନ୍ଦିର ପ୍ରଶାସନ କିଭଳି ଏକପାଖିଆ ପଦକ୍ଷେପ ନେଉଛନ୍ତି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ସର୍ଦ୍ଦାରୀଙ୍କ ସାନଭାଇ ସୋମନାଥ ମହାରଣା କହିଛନ୍ତି, ଆମ୍ଭେ ସେବାୟତ ଭାବେ ଠାକୁରଙ୍କ ରୁକୁଣା ରଥ, ଚାପଡ଼ଙ୍ଗା, ସିଂହାସନ ନିର୍ମାଣ, ସପ୍ତପୁରୀ ଅମାବାସ୍ୟାରେ ଚଟୁ ନିର୍ମାଣ କରିଥାଉ। ବିମାନ ପାଲିଙ୍କି ନିର୍ମାଣ କାର୍ଯ୍ୟରେ ଆମ୍ଭଙ୍କୁ କୌଣସି ନୋଟିସ କିମ୍ବା ଚିଠି ମନ୍ଦିର ପ୍ରଶାସନ କରି ନାହିଁ। ଚଳିତବର୍ଷ ରୁକୁଣା ରଥରେ ବ୍ରହ୍ମା ପ୍ରତିକୃତି ନିର୍ମାଣ ପାଇଁ ମନ୍ଦିର ପ୍ରଶାସନ କହିବାରୁ ଆମେ ପୁରୀରୁ ସମ୍ପୃକ୍ତ ମହାରଣାଙ୍କୁ ଡାକି ନିର୍ମାଣ କରାଇଥିଲୁ। କିନ୍ତୁ ଏବେ ହଠାତ୍ ଅନ୍ୟ ସେବାୟତଙ୍କୁ କାର୍ଯ୍ୟ ଦିଆଯାଇଥିଲେ ମଧ୍ୟ ଆମ ଟିମ୍‌କୁ ଜଣାଯାଇ ନାହିଁ। ଏ ନେଇ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାସ କହିଛନ୍ତି, ଅସନ୍ତୋଷ ମହାରଣାଙ୍କର କେଉଁ ସେବା ରହିଛି ଆମକୁ ପ୍ରମାଣ ଦିଅନ୍ତୁ। ତାହା ଦେଖିବା ପରେ ଆମ୍ଭେ ନିର୍ମାଣକାରୀ ମହାରଣା ସେବାୟତଙ୍କୁ ପରିବର୍ତ୍ତନ କରିବୁ ବୋଲି କହିଛନ୍ତି।

# ଅଫ୍‌ଲାଇନ ପରୀକ୍ଷାକୁ ବିରୋଧ

ଭୁବନେଶ୍ୱର, ୧।୯(ବ୍ୟୁରୋ)

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଅଧୀନ ବେସିକ ସାଇନ୍ସ କଲେଜ ଛାତ୍ରୀଛାତ୍ରମାନେ ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧ କରି ବୁଧବାର ଆନ୍ଦୋଳନକୁ ଓହ୍ଲାଇଛନ୍ତି। ସେମାନଙ୍କ କହିବାନୁସାରେ, ଅନ୍‌ଲାଇନ୍‌ରେ ପାଠପଢ଼ା ହେଉଥିଲା। ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ଅନ୍ୟ କଲେଜର ପରୀକ୍ଷା ଅନ୍‌ଲାଇନ୍‌ରେ ହୋଇଛି। ତେଣୁ ଆମର କାହିଁକି ଅଫ୍‌ଲାଇନ୍‌ରେ ହେବ? ଅଫ୍‌ଲାଇନ୍‌ରେ ପରୀକ୍ଷା ହେଲେ କୋଭିଡ୍ ସଂକ୍ରମଣର ଭୟ ରହିଛି। ତେଣୁ ଅନ୍‌ଲାଇନ୍‌ରେ ପରୀକ୍ଷା କରିବା ପାଇଁ ଛାତ୍ରୀଛାତ୍ରମାନେ ଦାବି କରିଛନ୍ତି। ଜଣେ ଛାତ୍ର ସୌମ୍ୟରଞ୍ଜନ କହିଛନ୍ତି, ଆମେ ଦାବି ଜଣାଇଛୁ। କୁଳପତି କିନ୍ତୁ ଆମର ଦାବି ଯୁକ୍ତିଯୁକ୍ତ ନୁହେଁ ବୋଲି କହିଛନ୍ତି। ତଥାପି ଆମର ଆଶା ଅଛି ସେମାନେ ଆମ ଦାବି ପୂରଣ କରିବେ। ଗୁରୁବାର ଏ ନେଇ ଡିନ୍‌ମାନଙ୍କର ବୈଠକ ରହିଛି। ସେଠାରେ କିଛି ନିଷ୍ପତ୍ତି ହେବ ବୋଲି ଆମେ ଆଶା କରିଛୁ। ସେପଟେ କୁଳପତି କହିଛନ୍ତି, ସରକାରଙ୍କ ଅନୁମତିକ୍ରମେ ଏବେ ଶ୍ରେଣୀଗୃହରେ ପାଠପଢ଼ା ଚାଲିଛି। ପିଲାମାନେ ହଷ୍ଟେଲରେ ବି ରହୁଛନ୍ତି। ତେଣୁ ପରୀକ୍ଷା ଅଫ୍‌ଲାଇନ୍‌ରେ କରିବାରେ କୌଣସି ଅସୁବିଧା ନାହିଁ। ପରୀକ୍ଷାରେ ସମସ୍ତ ପ୍ରକାର କୋଭିଡ୍ କଟକଣା ପାଳନ କରାଯିବ ବୋଲି ସେ କହିଛନ୍ତି।



ଅଫ୍‌ଲାଇନ୍ ପରୀକ୍ଷାକୁ ବିରୋଧ କରି ବେସିକ ସାଇନ୍ସ କଲେଜ ଛାତ୍ରୀଛାତ୍ରମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

# ପାନୀୟ ଜଳ ପାଇଁ ବିଡିଓଙ୍କୁ ଦାବିପତ୍ର

ବାଙ୍କୀ,୧।୯(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ଗୋପାଳପୁର ପଞ୍ଚାୟତ ୧ ନଂ.ରୁ ୯ନଂ. ୱାର୍ଡରେ ଅଧିବାସୀଙ୍କ ବାରମ୍ବାର ଅଭିଯୋଗ ସତ୍ତ୍ୱେ ପାନୀୟ ଜଳର ବ୍ୟବସ୍ଥା କରାଯାଉ ନାହିଁ। ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ପାନୀୟ ଜଳ ବ୍ୟବସ୍ଥାର କୌଣସି ସ୍ଥାୟୀ ସମାଧାନ କରାଗଲା ନାହିଁ। ଯଦି ଆସନ୍ତା ୧୦ ତାରିଖ ସୁଦ୍ଧା ଗ୍ରାମବାସୀଙ୍କ ପାଇଁ ପିଇବା ପାଣିର ସ୍ଥାୟୀ ପ୍ରତିକାର କରା ନ ଯାଏ, ତେବେ ଗ୍ରାମବାସୀ ୧୩ ତାରିଖରେ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ଚେତାବନୀ ଦେଇଛନ୍ତି। ବୁଧବାର ଏ ସମ୍ପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଦୁର୍ଯ୍ୟୋଧନ ସାହୁ, ସୁନୀଲ ସାହୁ, ପରିକ୍ଷିତ ସ୍ୱାଇଁ, କାଳନ୍ଦୀ ବେହେରା, ଭଗୀରଥି ଭୋଇ, ବ୍ରଜବନ୍ଧୁ ଭୋଇ ପ୍ରମୁଖ ବ୍ଲକ କାର୍ଯ୍ୟାଳୟକୁ ଯାଇ ଦାବିପତ୍ର ବିଡିଓଙ୍କ ଅନୁପସ୍ଥିତିରେ ମୁଖ୍ୟ କିରାଣି ଆକୁଳାନନ୍ଦ ସାହୁଙ୍କୁ ପ୍ରଦାନ କରିଛନ୍ତି। ଦାବିପତ୍ରର ନକଲ ବାଙ୍କୀ ଉପଜିଲାପାଳ, କଟକ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି।

# ଠକିଲେ କୋଟିଏରୁ ଊର୍ଦ୍ଧ୍ୱ, ଫେରିଲା ଅଳ୍ପ

## ସାଇବର ହେଲ୍ପ ଡେସ୍କର ଅଗଷ୍ଟ ରିପୋର୍ଟ

ଭୁବନେଶ୍ୱର,୧।୯(ବ୍ୟୁରୋ)

ରାଜ୍ୟରେ ଦିନକୁ ଦିନ ସାଇବର ଠକେଇ ବଢ଼ିଚାଲିଛି। ସାଇବର ଠକମାନେ ବିଭିନ୍ନ ସମୟରେ ନୂଆ ନୂଆ କୌଶଳ ଆପଣାଇ ଆଖି ପିଛୁଳାକେ ଲକ୍ଷ ଲକ୍ଷ ଟଙ୍କା ଲୁଟି ନେଉଛନ୍ତି। ତେବେ ଏହା ଉପରେ ରୋକ ଲଗାଇବା ସହ ତ୍ୱରିତ ପଦକ୍ଷେପ ପାଇଁ କମିଶନରେଟ ପୋଲିସ ପକ୍ଷରୁ ହେଲ୍ପ ଡେସ୍କ କାର୍ଯ୍ୟ କରୁଛି। ଏଠାକୁ ଠକେଇର ଶିକାର ହେଉଥିବା ବ୍ୟକ୍ତି କଲ୍ କରି ଅଭିଯୋଗ ଜଣାଇଲେ ହେଲ୍ପଡେସ୍କ ତଦନ୍ତ କରି ଟଙ୍କା ଫେରାଇ ଆଣିବାକୁ ଚେଷ୍ଟା କରୁଛି। ତେବେ ବୁଧବାର ଭୁବନେଶ୍ୱର ୟୁପିଡି ସାଇବର ହେଲ୍ପ ଡେସ୍କ ଅଗଷ୍ଟ ରିପୋର୍ଟ କାର୍ଡ ପ୍ରକାଶ କରିଛି। ଏହି ମାସରେ ସାଇବର ଠକ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇଥିବାବେଳେ ଏହାର ମାତ୍ର ୭.୨୬% ଟଙ୍କା ହେଲ୍ପଡେସ୍କ ଫେରାଇ ଆଣିଛି। ରିପୋର୍ଟ ଅନୁଯାୟୀ, ଅଗଷ୍ଟ ମାସରେ ଉକ୍ତ ହେଲ୍ପ ଡେସ୍କ ୪୭୫ଟି କଲ୍ ପାଇଛି। ଭୁବନେଶ୍ୱରରୁ ୨୪୫ ଓ ଓଡ଼ିଶାର ଅନ୍ୟାନ୍ୟ ଜିଲାଗୁଡ଼ିକରୁ ୨୩୦ ଅଭିଯୋଗ ଆସିଛି। ସାଇବର ଠକମାନେ ୧ କୋଟି ୨୮ ଲକ୍ଷ ୨୫ ହଜାର ୧୮୪ ଟଙ୍କା ଲୁଟିଛନ୍ତି। ଏହି ଟଙ୍କାରୁ ମାତ୍ର ୯ ଲକ୍ଷ ୩୧ ହଜାର ୫୩୭ ଟଙ୍କା ଫେରାଇ ଆଣିପାରିଛି ସାଇବର ହେଲ୍ପ ଡେସ୍କ। କେବଳ ୟୁପିଆଇ ସଂକ୍ରାନ୍ତ ୧୦୪ , କ୍ରେଡିଟ ଓ ଡେବିଟ କାର୍ଡ ଦ୍ୱାରା ୨୮ ଓ ଅନ୍ୟାନ୍ୟ ଉପାୟରେ ୧୧୩ ଠକେଇ ହୋଇଛି। ହେଲ୍ପ ଡେସ୍କ ପକ୍ଷରୁ କେବଳ ୧୩ ମାମଲା ରୁଜୁ ହୋଇଥିବାବେଳେ ଠକଙ୍କ ୭୨ଟି ନମ୍ବର ବ୍ଲକ୍ କରାଯାଇଛି। ତେବେ ଏହି ମାସରେ କେବଳ ୧୩ ମାମଲା ରୁଜୁ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

### ବୋକାମି ପାଇଁ ଠକାମି ବଢ଼ୁଛି

ସାଇବର ବିଶେଷଜ୍ଞ ପ୍ରଶାନ୍ତ ସାହୁ କହିଛନ୍ତି, ଠକେଇ ହେବାର ପ୍ରଥମ ଘଣ୍ଟା ଗୋଲ୍ଡେନ ପିରିୟଡ୍। ଏହି ସମୟ ମଧ୍ୟରେ ଅଭିଯୋଗ ଆସିଲେ କିଛି ଟଙ୍କା ଫେରାଇ ଆଣିବାରେ ସାଇବର ହେଲ୍ପ ଡେସ୍କ ସକ୍ଷମ ହେଉଛି। କିନ୍ତୁ ବିଳମ୍ବରେ ଅଭିଯୋଗ ହେଲେ ଉକ୍ତ ଟଙ୍କା ମିଳିବା ସମ୍ଭାବନା ଅଧିକ ଥାଏ। ଅନ୍ୟପକ୍ଷରେ ଲୋକମାନେ ବୋକାମି ଦ୍ୱାରା ଠକାମିର ଶିକାର ହୋଇଛନ୍ତି। ନିଜେ ସଚେତନ ହୋଇପାରିଲେ ସାଇବର ଠକାମି କମିପାରିବ ବୋଲି ସେ କହିଛନ୍ତି।

# 'ମିଶନ ଅମ୍ଳଜାନ' କାର୍ଯ୍ୟକ୍ରମ ଆରମ୍ଭ ହେବ

ଭୁବନେଶ୍ୱର, ୧।୯(ବ୍ୟୁରୋ)

ଶହୀଦ ନଗର ରେସିଡେଣ୍ଟିଆଲ ୱେଲଫେୟାର ଫୋରମ୍ ପକ୍ଷରୁ ଶହୀଦ ସ୍ପୋର୍ଟିଂ ପଡ଼ିଆରେ ଏକ ବୈଠକ ଅଧ୍ୟକ୍ଷ ଯୁଗଳ କିଶୋର ମହାପାତ୍ର ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଡେଙ୍ଗୁ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନେବାକୁ ପ୍ରଶାସନକୁ ଅନୁରୋଧ କରାଯିବ। ଏଥିସହ 'ମିଶନ ଅମ୍ଳଜାନ' ଆରମ୍ଭ ପାଇଁ ସ୍ଥିର ହୋଇଛି। ପ୍ରତ୍ୟେକ ବାସିନ୍ଦା ନିଜ ଘର ପାଖରେ ଗୋଟିଏ ଲେଖାଏ ଗଛ ଲଗାଇ ବଞ୍ଚାଇ ରଖିବେ। ପ୍ରତିବର୍ଷ ଏହାର ସମୀକ୍ଷା କରାଯାଇ ସମ୍ବର୍ଦ୍ଧିତ କରାଯିବ। ଶହୀଦନଗର ଜୋନାଲ ହସ୍ପିଟାଲ ସୁପରିଚାଳନା ନିମନ୍ତେ ପ୍ରଶାସନକୁ ଚିଠି ଲେଖି ଜଣାଇବାକୁ ସ୍ଥିର ହୋଇଛି। ସମ୍ପାଦକ ନାରାୟଣ ମହାପାତ୍ର, ଯୁଗ୍ମ ସମ୍ପାଦକ ଶ୍ରୀନିବାସ ପଟ୍ଟନାୟକ, ସ୍ମିତା ବର୍ମା, କୋଷାଧ୍ୟକ୍ଷ ନିକୁଞ୍ଜ ମହାନ୍ତି, ମିଡ଼ିଆ ପ୍ରଭାରୀ ପଙ୍କଜ ପଟ୍ଟନାୟକ, ଉମାନାଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୫ଜଣଙ୍କୁ ସମ୍ମାନିତ କଲେ ଡିସିପି

## ବ୍ୟାଙ୍କ କର୍ମଚାରୀଙ୍କ ହାତବାକ୍ସ ଲୁଟ୍ ଘଟଣା

- ସାହସିକତା ଦେଖାଇ ଲୁଟେରାଙ୍କୁ କାବୁ କରିଥିଲେ

ବାଲିଅନ୍ତା,୧।୯(ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅଟଳାସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ(ଏସ୍‌ବିଆଇ) ଶାଖାରୁ ମଙ୍ଗଳବାର କର୍ମଚାରୀଙ୍କ ହାତବାକ୍ସ ଟଙ୍କା ଓ ସୁନାଗହଣା ଲୁଟ୍ ଘଟଣାରେ ଧରାପଡ଼ିଥିବା ଅଭିଯୁକ୍ତଙ୍କୁ ବୁଧବାର ପୋଲିସ କୋର୍ଟଚାଲାଣ କରିଛି। ଏ ନେଇ ପୋଲିସ କେସ ନଂ.୨୬୬/୨୧ରେ ଦଫା ୪୫୨, ୩୯୨ ଓ ୨୫/୨୭ ଆର୍ମ ଆକ୍ଟରେ ଏକ ମାମଲା ରୁଜୁ କରିଛି। ଏଥିସହ ଏହି ଘଟଣାରେ ଲୁଟେରାଙ୍କୁ ଧରିବାରେ ସାହାଯ୍ୟ କରିଥିବା ବ୍ୟାଙ୍କ କର୍ମଚାରୀ ହୃଦୟ ବେହେରା, ସ୍ଥାନୀୟ ଅଞ୍ଚଳର ଯୁବକ ବିକ୍ରମ ସ୍ୱାଇଁ, ଶେଖ ଆଫତାବ ମନିର୍, ପାପୁନି ମଲ୍ଲିକ ଓ ସୁବ୍ରତ ବସ୍ତିଆଙ୍କୁ ସାହସିକତା ଦେଖାଇଥିବାରୁ ଭୁବନେଶ୍ୱର ଡିସିପି ଉମାଶଙ୍କର ଦାଶ ବୁଧବାର ତାଙ୍କ କାର୍ଯ୍ୟାଳୟରେ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଛନ୍ତି। ସୂଚନାଯୋଗ୍ୟ, ମଙ୍ଗଳବାର ଅପରାହ୍ନ ୫ଟାରେ ଏହି ଥାନା ବାଲିଅନ୍ତା ପାଟଣାଗ୍ରାମର ଉମାଶଙ୍କର ପରିଡ଼ା ଏସ୍‌ବିଆଇ ବ୍ୟାଙ୍କରେ ପଶିଯାଇ ବନ୍ଧୁକ ଦେଖାଇ ୪ ବ୍ୟାଙ୍କ କର୍ମଚାରୀମାନଙ୍କ ହାତବାକ୍ସ ୮ଲକ୍ଷ ଟଙ୍କା ଓ ସୁନା ଲୁଟି ନେଇଥିଲେ। ବାହାରକୁ ବାହାରିବାବେଳେ ବ୍ୟାଙ୍କ କର୍ମଚାରୀ ହୃଦୟ ଏବଂ ସିକ୍ୟୁରିଟି ଗାର୍ଡ ଅଟକାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଉମାଶଙ୍କର ଆକ୍ରମଣ କରି ଦୌଡ଼ିଥିଲେ। ଏହି ସମୟରେ ସ୍ଥାନୀୟ ଯୁବକମାନେ ଦେଖି ଲୁଟେରାଙ୍କୁ ଗୋଡ଼ାଇଥିଲେ। ଉମାଶଙ୍କର ଭୟରେ ବାଇକ୍ ଛାଡ଼ି ନିକଟସ୍ଥ ଏକ ବିଲରେ ଲୁଚିଯାଇଥିବାବେଳେ ଯୁବକମାନେ ଫେରି ସିସିଟିଭି ଫୁଟେଜ ଦେଖି ପୁଣି ବିଲକୁ ଯାଇ ଧରିଥିଲେ।



ସମ୍ମାନିତ ଯୁବକଙ୍କ ସହ ଡିସିପି ଉମାଶଙ୍କର ଦାସ

# ୩ ଲକ୍ଷ ଟଙ୍କା ଜବତ, ୧୧ ଜୁଆଡ଼ି ଗିରଫ

ବାଲକାଟୀ,୧।୯(ଡି.ଏନ୍.ଏ.)

- କଲ୍ୟାଣମଣ୍ଡପରେ ଚାଲିଥିଲା ଜୁଆଆଡ୍ଡା
- ପାଚେରି ଡେଇଁ ଚମ୍ପଟ ମାରିଲେ ୨/୩ଜଣ

ରାଜଧାନୀ ଉପକଣ୍ଠ ବାଲିଅନ୍ତା ଥାନା ଅଞ୍ଚଳରେ ଚାଲିଥିବା ଏକ ବଡ଼ ଜୁଆଆଡ୍ଡା ର୍ୟାକେଟର ପର୍ଦ୍ଦାଫାସ କରିଛି ପୋଲିସ। ବାଲକାଟୀ ଫାଣ୍ଡି ଅନ୍ତର୍ଗତ ବସନ୍ତପେଡ଼ି ଗ୍ରାମ ନିକଟରେ ଥିବା ଏକ କଲ୍ୟାଣ ମଣ୍ଡପରେ ଏହି ଜୁଆଆଡ୍ଡା ଚାଲିଥିବାବେଳେ ପୋଲିସ ମଙ୍ଗଳବାର ରାତିରେ ଚଢ଼ାଉ କରିଥିଲା। ଚଢ଼ାଉରେ ୧୧ଜଣ ଜୁଆଡ଼ିଙ୍କୁ ଗିରଫ କରିବା ସହ ୨ଲକ୍ଷ ୯୮ହଜାର ଟଙ୍କା ଜବତ କରିଛି। ଗିରଫ ବ୍ୟକ୍ତିମାନେ ହେଲେ କଲ୍ୟାଣ ମଣ୍ଡପ ମାଲିକ ତଥା ଜୁଆ ଖେଳର ମାଷ୍ଟର ମାଇଣ୍ଡ ବାଲକାଟୀ ନୂଆପାଟଣା ଗ୍ରାମର ସିଲିପି ସାହୁ ଓରଫ ସିଲୁ(୩୩) ଓ ଦୀପକ ସାହୁ(୩୧), ନାଗପୁର ଗ୍ରାମର ରାମଚନ୍ଦ୍ର ମହାରଣା(୫୧), ଜଗତ୍‌ସିଂହପୁର ଜିଲା ନୂଆଗାଁ ଥାନା ଭାଟଣା ଗ୍ରାମର କୃଷ୍ଣଚନ୍ଦ୍ର ବେହେରା(୩୭) ଓ ନୂଆଗାଁ ଅଞ୍ଚଳର ଗୋପାଳଚନ୍ଦ୍ର ପରିଡ଼ା, ପୁରୀ ଜିଲା କାକଟପୁର ଥାନା ନୀଳକଣ୍ଠପୁର ଗ୍ରାମର ସୁବାସ ରାଉତ(୩୮), ଯାଜପୁର ଅଞ୍ଚଳର ବାଙ୍କବିହାରୀ ରାୟ(୪୦), ବାଲିପାଟଣା ଥାନା ଝିଣ୍ଟିଗ୍ରାମର ମନୋଜ ପ୍ରଧାନ(୩୨), ଓଡ଼ଖଣ୍ଡ ଗ୍ରାମର ଅଭିଜିତ ଯୋଶୀ, ରାଜସ ଗ୍ରାମର ଅମିତ ସ୍ୱାଇଁ ଏବଂ କବୀନ୍ଦ୍ର ସ୍ୱାଇଁ(୨୪)। ଏଥିସହ ଘଟଣାସ୍ଥଳରୁ ୩ଟି ବାଇକ୍, ଗୋଟିଏ ପାସେଞ୍ଜର ଅଟୋ, ୧୩ଟି ମୋବାଇଲ ଫୋନ, ଗୋଟିଏ ଫ୍ରିଜ, ବିଦେଶୀ ମଦ ଓ ତାସ୍ ଜବତ କରିଛି। ଏ ନେଇ ବାଲିଅନ୍ତା ଥାନାରେ ଏକ ମାମଲା(ନଂ.୨୬୭/୨୧) ରୁଜୁ କରି ବୁଧବାର ୧୧ଜଣ ଜୁଆଡ଼ିଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି। ବାଲକାଟୀ ଫାଣ୍ଡିଠାରୁ ମାତ୍ର କେହି ହାତ ଦୂରରେ ଥିବା ଏହି କଲ୍ୟାଣ ମଣ୍ଡପରେ ଦୀର୍ଘଦିନ ଧରି ବେଧଡ଼କ ଜୁଆଖେଳ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ପୋଲିସ ଏହି ଅଭିଯୋଗକୁ ଅଣଦେଖା କରୁଥିବାବେଳେ ନୂତନ ଭାବେ ବାଲିଅନ୍ତା ଥାନାର ଆଇଆଇସି ଭାବେ ଦାୟିତ୍ୱ ନେଇଥିବା ଇନ୍ସପେକ୍ଟର ଯୁବରାଜ ସ୍ୱାଇଁଙ୍କ ପାଖରେ ଏ ସମ୍ପର୍କିତ ସୂଚନା ପହଞ୍ଚିଥିଲା। ମଙ୍ଗଳବର ମଧ୍ୟରାତିରେ ଏହି କଲ୍ୟାଣମଣ୍ଡପରେ ଜୁଆଖେଳ ସହ ମଦର ଆସର ଚାଲିଥିଲା। ଏକ ବିଶେଷ ସୂତ୍ରରୁ ଥାନାଧିକାରୀ ସ୍ୱାଇଁ ଖବରପାଇ ସେଠାରେ ଟିମ୍ ସହ ଅତର୍କିତ ଚଢ଼ାଉ କରିଥିଲେ। ଚଢ଼ାଉ ସମୟରେ ମଣ୍ଡପ ପଛ ପାଚେରି ଡେଇଁ ଅନ୍ଧାର ରାତିରେ ବିଲ ଭିତରେ ଦେଇ ୨/୩ଜଣ ଜୁଆଡ଼ି ଚମ୍ପଟ ମାରିଥିଲେ। ହେଲେ ଅନ୍ୟ ୧୧ଜଣଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଥିଲା।



ଗିରଫ ଅଭିଯୁକ୍ତ ଓ ଜବତ ଟଙ୍କା, ମୋବାଇଲ।




ସମସ୍ତ ପରିବହନ କର୍ମଚାରୀଙ୍କୁ ମାସିକ ୭,୫୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା, ମାସିକ ୧୦ କେଜି ଚାଉଳ ପ୍ରଦାନ କରିବା ଆଦି ବିଭିନ୍ନ ଦାବି ନେଇ ଅଲ୍ ଓଡ଼ିଶା ଟ୍ରାନ୍ସପୋର୍ଟ ୱାର୍କର୍ସ ଫେଡେରେଶନ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ।

## ମୁକ୍ତାକାଶ ଆଶ୍ରମରେ କଏଦୀଙ୍କୁ ପାଠ୍ୟପୁସ୍ତକ ବଣ୍ଟନ

ବାରଙ୍ଗ,(ଡି.ଏନ୍.ଏ.)- ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରେ ବୁଧବାର କଏଦୀମାନଙ୍କୁ କାରାଶ୍ରମ ପକ୍ଷରୁ ପାଠ୍ୟପୁସ୍ତକ ପ୍ରଦାନ କରାଯାଇଛି। କାରାମଙ୍ଗଳ ଅଧିକାରୀ ସଂଗ୍ରାମ କେଶରୀ ମହାନ୍ତିଙ୍କ ତତ୍ତ୍ୱାବଧାନରେ କାରାଶ୍ରମରେ ଥିବା ଅନ୍ତେବାସୀମାନଙ୍କର ଶିକ୍ଷାଅର୍ଜନ କରୁଥିବା ପିଲାମାନଙ୍କ ପାଇଁ ପାଠ୍ୟପୁସ୍ତକ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କଠାରୁ ସଂଗ୍ରହ କରି ଅଧୀକ୍ଷିକା ସ୍ମିତା ମହାନ୍ତିଙ୍କ ଦ୍ୱାରା ବିତରଣ କରାଯାଇଥିଲା।

## ସଂକ୍ଷେପରେ

### ହରିଶଙ୍କର,ନୃସିଂହନାଥ ସୌନ୍ଦର୍ଯ୍ୟକରଣ ନେଇ ବସିଲା ୩ୟ ବୈଠକ

**ଭୁବନେଶ୍ୱର,୧।୯(ବ୍ୟୁରୋ):** ବଲାଙ୍ଗୀର ଜିଲାର ପ୍ରସିଦ୍ଧ ହରିଶଙ୍କର ଏବଂ ବରଗଡ଼ ଜିଲାର ନୃସିଂହନାଥ ମନ୍ଦିର ଆଗକୁ ଝଲସିବା ଭଳି ବ୍ୟବସ୍ଥା ସରକାର କରିବାକୁ ଯାଉଛନ୍ତି। ଉଭୟ ମନ୍ଦିରର ସୌନ୍ଦର୍ଯ୍ୟକରଣ ଲାଗି ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସମନ୍ୱିତ ବିକାଶ ଯୋଜନା ପ୍ରସ୍ତୁତ ହୋଇଛି। ବୁଧବାର ଏନେଇ ପ୍ରସ୍ତୁତ ହୋଇଥିବା ଏକ ଡିଜାଇନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଗରେ ଉପସ୍ଥାପନ କରାଯାଇଛି। ଗନ୍ଧମାର୍ଦ୍ଦନ ପର୍ବତ ଅଞ୍ଚଳରେ ହରିଶଙ୍କର ଏବଂ ନୃସିଂହନାଥ ମନ୍ଦିରକୁ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଏହି ପ୍ରକଳ୍ପର ଲକ୍ଷ୍ୟ ରହିଛି। ପର୍ଯ୍ୟଟକଙ୍କ ପାଇଁ ରାସ୍ତାର ସୌନ୍ଦର୍ଯ୍ୟକରଣ, ପାର୍କିଂ, ଭେଣ୍ଡିଂ ଜୋନ୍, ରିଲିଜିୟସ୍ ଷ୍ଟ୍ରିଟ୍, କଲ୍‌ଚରାଲ ପ୍ଲାଜା, ଭିଜିଟର ସୁବିଧା କରାଯିବ। ପାର୍କ, ପିକ୍‌ନିକ୍ ଜୋନ୍, ପିଲାଙ୍କ ପାଇଁ ଖେଳିବା ସ୍ଥାନ, ଆମ୍ଫିଥିଏଟର ଆଦି ପାଇଁ ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ ହୋଇଛି। ସେହିପରି ପର୍ବତ ଉପରେ ୧୮ କିଲୋମିଟରର ଟ୍ରେକିଂ ପାଥ୍ ଲାଗି ଏକ ପ୍ରସ୍ତାବ ରହିଛି। ସେଠାରେ ଶୌଚାଳୟ, କାଫେ ଏବଂ ୱାଚ୍ ଟାୱାର ଭଳି ସ୍ପଟ୍ ରହିବ। ହରିଶଙ୍କର ଏବଂ ନୃସିଂହନାଥ ମନ୍ଦିରର ବିକାଶ ଉପରେ ଏହା ତୃତୀୟ ବୈଠକ ଥିଲା। ୨୦୨୨ ଡିସେମ୍ବର ସୁଦ୍ଧା କାର୍ଯ୍ୟ ସରିବାକୁ ଲକ୍ଷ୍ୟ ରହିଛି। ବୈଠକକୁ ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି) ଭି. କେ. ପାଣ୍ଡିଆନ୍ ସଞ୍ଚାଳନ କରିଥିଲେ।

### କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପ୍ରଥମ ବାର୍ଷିକୀରେ ସ୍ୱତନ୍ତ୍ର ପୋଷ୍ଟର ଉନ୍ମୋଚିତ

**ଭୁବନେଶ୍ୱର, ୧।୯(ବ୍ୟୁରୋ):** କଳାହାଣ୍ଡିବାସୀଙ୍କ ସ୍ୱପ୍ନ ଏବଂ ଆକାଂକ୍ଷାକୁ ସାକାର କରିବା ପାଇଁ ଗତବର୍ଷ ସେପ୍ଟେମ୍ବର ୧ରେ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ବୁଧବାର ଏହାର ପ୍ରଥମ ବାର୍ଷିକୀ ପାଳନ କରାଯାଇଛି ଏବଂ ଏହି ଉପଲକ୍ଷେ ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ରଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର ପୋଷ୍ଟର ବାଚସ୍ପତି ଚାମ୍ବରରେ ଉନ୍ମୋଚିତ ହୋଇଛି। ଏହାକୁ ଭାରତୀୟ ପୋଷ୍ଟ, ରାଜ୍ୟ ସରକାର ଏବଂ କଳାହାଣ୍ଡି ବିଶ୍ୱବିଦ୍ୟାଳୟ ଡିଜାଇନ କରିଛନ୍ତି। ଏହି ଅବସରରେ ବାଚସ୍ପତି କହିଛନ୍ତି, କଳାହାଣ୍ଡି ଜିଲାର ନିଜସ୍ୱ ପରିଚୟ ରହିଛି। କଳା, ସଂସ୍କୃତି ଏବଂ ଜୀବନଶୈଳୀରେ ଜିଲା ଅନନ୍ୟ। ସେଦିନ ଚାଲିଗଲାଣି ଯେବେ କଳାହାଣ୍ଡି ଜିଲାକୁ ଭୋକର ଭୂଗୋଳ ଭାବେ ବିବେଚନା କରାଯାଉଥିଲା। ବର୍ତ୍ତମାନ ଜିଲା ସମୃଦ୍ଧ ଏବଂ ଜଳସେଚନ ସୁବିଧା ହେତୁ ଏହାର ସର୍ବାଙ୍ଗୀନ ବିକାଶ ଘଟିଛି। ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ।

### ସ୍କୁଲ ପିଲାଙ୍କୁ ଶିକ୍ଷା ସହ ଫିଟ୍ ରଖିବାକୁ ସବୁ ସୁବିଧା ମିଳିବ: ଧର୍ମେନ୍ଦ୍ର

**ଭୁବନେଶ୍ୱର, ୧।୯(ବ୍ୟୁରୋ):** ସମାଜରେ ସକାରାତ୍ମକ ଭାବନା ଆଣିବା ପାଇଁ ଆମକୁ ଫିଟ୍ ରହିବା ଆବଶ୍ୟକ। ଏହାକୁ ଦୃଷ୍ଟିରେ ରଖି ଦେଶର ସମସ୍ତ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ସହ ସବୁପ୍ରକାର ସୁବିଧା ଯୋଗାଇ ଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସ୍କୁଲ ଅଧକ୍ଷ ଏବଂ ଛାତ୍ରୀଛାତ୍ରଙ୍କୁ ଏହି ଫିଟ୍ ଇଣ୍ଡିଆ କୁଇଜରେ ପଞ୍ଜୀକରଣ ସହ ଅଂଶଗ୍ରହଣ କରି ଏକ ସୁସ୍ଥ ଭାରତ ପାଇଁ ଫିଟ୍ ଇଣ୍ଡିଆ ମିଶନରେ ସାମିଲ ହେବାକୁ ଧର୍ମେନ୍ଦ୍ର ପ୍ରୋତ୍ସାହିତ କରିଛନ୍ତି।

### ଟ୍ରେଜେରି କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଦାବି

**ଭୁବନେଶ୍ୱର,୧।୯:** ଓଡ଼ିଶା ସରକାରଙ୍କ ସମସ୍ତ ବିଭାଗର କର୍ମଚାରୀଙ୍କ କ୍ୟାଡର ପୁନର୍ଗଠନ ଦୁଇବର୍ଷ ହେଲା ହୋଇସାରିଥିଲା ବେଳେ ଟ୍ରେଜେରି କର୍ମଚାରୀଙ୍କ ପ୍ରତି ଅଣଦେଖା କରାଯାଉଛି। ଏମାନଙ୍କ କ୍ୟାଡର ପୁନର୍ଗଠନ ନିମନ୍ତେ ଅଦ୍ୟାବଧି ଅର୍ଥ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଥିପାଇଁ ଟ୍ରେଜେରୀ ଅମଲା ସଂଘ ଦୀର୍ଘବର୍ଷ ହେଲା ଟ୍ରେଜେରି ନିର୍ଦ୍ଦେଶକ ଓ ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବଙ୍କୁ ଲିଖିତ ନିବେଦନ କରିଥିଲେ ମଧ୍ୟ କିଛି ସୁଫଳ ମିଳିନି। ଅର୍ଥ ବିଭାଗର ଅନୁମୋଦନ ପାଇଁ ପୁର୍ନଗଠନ ପ୍ରକ୍ରିୟା ଫାଇଲ୍ ଟ୍ରେଜେରି ନିର୍ଦ୍ଦେଶାଳୟରେ ଦୁଇବର୍ଷ ହେବ ପଡ଼ିରହିଛି। ଏନେଇ ଖୁବ୍‌ଶୀଘ୍ର ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ ଟ୍ରେଜେରି ଅମଲା ସଂଘ ନିଷ୍ପତ୍ତି ନେଇଛି। ସଂଘ ସଭାପତି ସମର ରଞ୍ଜନ କାନୁନ୍‌ଗୋ, ସାଧାରଣ ସମ୍ପାଦକ ଶୁଭେନ୍ଦୁ ରାଉତରାୟ ପ୍ରମୁଖ ମୁଖ୍ୟ ଶାସନ ସଚିବ, ୫-ଟି ସଚିବ ଓ ଅର୍ଥବିଭାଗର ପ୍ରମୁଖ ଶାସନ ସଚିବଙ୍କ ନିକଟରେ ତୁରନ୍ତ କ୍ୟାଡର ପୁନର୍ଗଠନ ଆଦେଶନାମା କାର୍ଯ୍ୟକାରୀ କରିବା ପାଇଁ ଦାବି କରିଛନ୍ତି।

# ୨ ପରିବାର ୬ବର୍ଷ ଧରି ଗାଁରୁ ବିତାଡ଼ିତ

**ଖୋର୍ଦ୍ଧା ଅଫିସ,୧।୯**



ହଳଦିଆ ଗାଁର ବିତାଡ଼ିତ ପରିବାର ସଦସ୍ୟମାନେ।

- ଡାଲତୋଲା ପରେ ହଳଦିଆ ଗାଁ
- ଫିଟୁଛି 'ଗୁରୁଜୀ'ଙ୍କ ଗୁମର

ଆତ୍ମଘୋଷିତ 'ଗୁରୁଜୀ' ମାନସ ଦାସଙ୍କ ବିରୋଧରେ ଅଭିଯୋଗ ବଢ଼ିବାରେ ଲାଗିଛି। ନିର୍ଯାତନାର ଶିକାର ହୋଇଥିବା ପରିବାରଗୁଡ଼ିକ ଏବେ ଧୀରେ ଧୀରେ ମୁହଁ ଖୋଲୁଛନ୍ତି। ଏଭଳି ଭାବେ ନିର୍ଯାତନା ପରେ ଖୋର୍ଦ୍ଧା ସଦର ଥାନା ଅଧୀନ ଡାଲତୋଲା ଗ୍ରାମରୁ ବିତାଡ଼ିତ ହୋଇ ୭ବର୍ଷ ହେଲା ଜଙ୍ଗଲରେ ଜୀବନ ବିତାଉଥିବା ୬ପରିବାର କିଛିଦିନ ତଳେ ମାନସଙ୍କ ମାନବବାଦ ସଂଗଠନ ନାଁରେ ଗଣମାଧ୍ୟମ ଆଗରେ ସଙ୍ଗିନ ଅଭିଯୋଗ ଆଣିଥିଲେ। ବୁଧବାର ଆଉ ଦୁଇ ପରିବାର ଉକ୍ତ ସଂଗଠନ ବିରୋଧରେ ନିର୍ଯାତନା ଓ ଗ୍ରାମରୁ ବିତାଡ଼ିତ କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଖୋର୍ଦ୍ଧା ଥାନା ଅଧୀନ ହଳଦିଆ ଦଣ୍ଡେଇସାହିର ଦେବରାଜ ସ୍ୱାଇଁ ଓ ସୁମନ ସ୍ୱାଇଁ ଏଭଳି ଅଭିଯୋଗ ଆଣିବା ସହ ସେମାନଙ୍କ ପରିବାର ଗତ ୬ବର୍ଷ ହେଲା ହଳଦିଆ ମେଡିକାଲ ରାସ୍ତା ପାର୍ଶ୍ୱରେ ଦୟନୀୟ ଅବସ୍ଥାରେ ଆଶ୍ରୟ ନେଇଥିବା କହିଛନ୍ତି।

### ସଙ୍ଗଠନରେ ନ ମିଶିବାରୁ ତଡ଼ା ଖାଇଲୁ

ଦେବରାଜ ଓ ସୁମନଙ୍କ ଅଭିଯୋଗ ଅନୁଯାୟୀ, ମାନବବାଦ ସଂଗଠନ ମୁଖ୍ୟ ମାନସ ଦାସ ଗ୍ରାମରେ ଏକ ବୈଠକ କରିଥିଲେ। ସେ ଏହି ଦୁଇ ପରିବାରକୁ ସଙ୍ଗଠନରେ ମିଶିବାକୁ ବାଧ କରିଥିଲେ। ମାତ୍ର ପରିବାର ଦ୍ୱୟ ଅମଙ୍ଗ ହେବାରୁ ଆରମ୍ଭ ହୋଇଥିଲା ଅକଥନୀୟ ନିର୍ଯାତନା। ପୁରୁଷ ଲୋକଙ୍କୁ ନିସ୍ତୁକ ମାଡ଼ ମରାଯାଇଥିଲା। ସଙ୍ଗଠନରେ ନ ମିଶିଲେ, ଗାଁରେ ରହିପାରିବ ନାହିଁ କହି ବିଦା କରିଦିଆଯାଇଥିଲା। ଘରଦ୍ୱାର ଭାଙ୍ଗି ଦିଆଯାଇଥିଲା। ସଙ୍ଗଠନ ସଦସ୍ୟମାନେ ଘରେ ଥିବା ଧାନଚାଉଳ, ଲୁଗାପଟା, ସୁନା ଅଳଙ୍କାର ସବୁ ଲୁଟି ନେଇଥିଲେ। ପ୍ରତିବାଦ କରିବାରୁ ଅତ୍ୟାଚାର ସହିବାକୁ ପଡ଼ିଥିଲା। ଗାଁ ଛାଡ଼ି ରାସ୍ତାକଡ଼ରେ ରହିବା ସତ୍ତ୍ୱେ ସେମାନଙ୍କ ଅତ୍ୟାଚାର ବନ୍ଦ ହୋଇ ନ ଥିଲା।

### କେହି ଗୁହାରି ଶୁଣିଲେ ନାହିଁ

ସେମାନଙ୍କ ଦୌରାତ୍ମ୍ୟରୁ ରକ୍ଷା ପାଇବା ପାଇଁ ସେତେବେଳେ ଜିଲାପାଳ, ଏସ୍‌ପିଙ୍କ ସମେତ ଖୋର୍ଦ୍ଧା ଥାନାରେ ଲିଖିତ ଅଭିଯୋଗ କରିଥିଲୁ। ମାତ୍ର କେହି ଆମ ଗୁହାରି ଶୁଣି ନ ଥିଲେ ବୋଲି ଦେବରାଜ କହିଛନ୍ତି। ଏମାନଙ୍କ ଏକଚ୍ଛତ୍ରବାଦ ଓ ଅତ୍ୟାଚାରରୁ ରକ୍ଷା ପାଇବାକୁ ଦୁଇ ପରିବାରର ପ୍ରାୟ ୧୫ ସଦସ୍ୟ ବିଭିନ୍ନ ସ୍ଥାନରେ ବନ୍ଧୁବାନ୍ଧବଙ୍କ ଘରେ ଆଶ୍ରୟ ନେଇଛନ୍ତି। ସେମାନଙ୍କ ପିଲାଙ୍କ ପାଠପଢ଼ାରେ ଡୋରି ବନ୍ଧାହୋଇଯାଇଥିବା ଦେବରାଜ ପ୍ରକାଶ କରିଛନ୍ତି।

### ଘଟଣାକୁ ମନେପକାଇ କାନ୍ଦିଲେ

ସେଦିନର ଘଟଣାକୁ ମନେପକାଇ ଦେବରାଜ ଗଣମାଧ୍ୟମ ଆଗରେ କହିବା ବେଳେ ନିଜ କୋହକୁ ରୋକି ନ ପାରି କାନ୍ଦି ଉଠିଥିଲେ। ସେ କହିଥିଲେ, ସେମାନଙ୍କ ଅତ୍ୟାଚାର ସତ୍ତ୍ୱେ ଭଗବାନଙ୍କୁ ଭରସା କରି ଏଠାରେ ପଡ଼ି ରହିଛୁ। ଏବେ ମାନବବାଦ ସଙ୍ଗଠନ ମୁଖ୍ୟ ମାନସ ଦାସଙ୍କ ବିରୋଧରେ ଚାରିଆଡୁ ଅଭିଯୋଗ ଆସିବା ପରେ ଗଣମାଧ୍ୟମ ଆଗରେ ମୁହଁ ଖୋଲିବାକୁ ସାହସ କରିଛୁ। ନିଜ ଗାଁ ମାଟିକୁ ଯିବାକୁ କିଏ ବା ନ ଚାହିଁବ ବୋଲି ଦେବରାଜ କହିଛନ୍ତି।

### ଭିକ ମାଗି ଚଳିଲୁ

ମାନବବାଦ ସଙ୍ଗଠନ କର୍ମକର୍ତ୍ତାଙ୍କ ମାଡ଼ରେ ମୋ' ହାତ ଭାଙ୍ଗିଲା। ଗାଁରେ ରହିଲେ ବନ୍ଧୁକ ମୁନରେ ଉଡାଇ ଦେବୁ ବୋଲି ଧମକ ଦେଲେ। ଆମ ଘରର ସମସ୍ତ ସାମଗ୍ରୀ ଲୁଟିନେଲେ। ପିନ୍ଧାଲୁଗା ବ୍ୟତୀତ ଆମ ପାଖରେ କିଛି ନ ଥିଲା। ୪ଦିନ ଭୋକିଲା ରହିବା ପରେ ବାଧ୍ୟ ହୋଇ ଭିକ ମାଗି ଦୁଇ ଓଳି ଖାଇବା ଯୋଗାଡ଼ କରିଥିଲି। ଆମ ଜମିବାଡ଼ି ସବୁ ଦଖଲକୁ ନେଇଗଲେ। ଏବେ ଏଠି କଷ୍ଟେମଷ୍ଟେ ଚଳୁଛୁ।

### ସଂସ୍କୃତି ବିରୋଧୀ କାର୍ଯ୍ୟ

ସଙ୍ଗଠନର ସନାତନ ସଂସ୍କୃତି ବିରୋଧୀ ମନୋଭାବ ଯୋଗୁ ସଙ୍ଗଠନରେ ମିଶିବାକୁ ମନା କରିଥିଲୁ। ମହିଳା ସିନ୍ଦୂର, ଶଙ୍ଖା ପିନ୍ଧିବେ ନାହିଁ। ଘରେ ଦିଅଁ ଦେବତାଙ୍କ ପୂଜା ହେବନାହିଁ। ପରିବାରର କେହି ମଲେ କ୍ରିୟାକର୍ମ କରିବ ନାହିଁ ବୋଲି ଆମକୁ କୁହାଗଲା। ତେଣୁ ସଙ୍ଗଠନରେ ମିଶିବାକୁ ମନା କରିଥିଲୁ ବୋଲି ସୁମନ କହିଛନ୍ତି।

## ଜୁଲମ ସହିଛନ୍ତି କୃତାର୍ଥ ନାଏକ

**ଅର୍ଦ୍ଧ ଉଲଗ୍ନ କରାଯାଇ ମାଡ଼ ମରାଯାଇଛି**

**ଅନୁଗୋଳ ଅଫିସ, ୧।୯**

ମାନବବାଦ ସଙ୍ଗଠନ ତଥା ରାଷ୍ଟ୍ରୀୟ ସାମାଜିକ ନ୍ୟାୟ ମଞ୍ଚ ବିରୋଧରେ ଅନୁଗୋଳ ଜିଲା ବନ୍ତଳା ଥାନାରେ ରହିଛି ମାମଲା। ସଙ୍ଗଠନ ପକ୍ଷରୁ ବଡ଼କନ୍ତକୂଳ ଗ୍ରାମର କୃତାର୍ଥ ନାଏକ(୨୬)ଙ୍କୁ ଦିଆଯାଇଛି ଶାରୀରିକ ନିର୍ଯାତନା। ସଙ୍ଗଠନରୁ ଦୂରେଇ ଯାଇଥିବାରୁ ଗତ ଜୁଲାଇ ୧୯ ତାରିଖରେ ତାଙ୍କୁ ଜାମୁଣ୍ଡାସ୍ଥିତ ଏକ ଘରେ ଅର୍ଦ୍ଧ ଉଲଗ୍ନ କରାଯାଇ ମାଡ଼ ମରାଯାଇଥିବା କୃତାର୍ଥଙ୍କ ମା' ଏତଲାରେ ଦର୍ଶାଇଛନ୍ତି। ଜୁଲାଇ ୨୦ରେ ଅଭିଯୋଗ ପରେ ବନ୍ତଳା ପୋଲିସ ନଂ. ୨୨୨/୨୧ରେ ମାମଲା ରୁଜୁ କରିଛି। କିନ୍ତୁ କୃତାର୍ଥଙ୍କୁ ସଙ୍ଗଠନରେ ସାମିଲ କରିଥିବା ଓ ଜାମୁଣ୍ଡା ଡାକି ମାଡ଼ ମରାଇଥିବା ଅଭିଯୁକ୍ତ ଜାମୁଣ୍ଡା ଗ୍ରାମର ସଦାନନ୍ଦ ନାଏକଙ୍କୁ ଏଯାଏ ଗିରଫ କରାଯାଇ ନାହିଁ। ତେବେ ଘଟଣା ପ୍ରଘଟ ହେବା ପରେ ବଡ଼କନ୍ତକୂଳର କୃତାର୍ଥ ଭୟ ଓ ଆଶଙ୍କା ଭିତରେ ଜୀବନ କାଟୁଥିବା ପ୍ରକାଶ କରିଛନ୍ତି। ବନ୍ତଳା ଥାନା ଅଧିକାରୀ ସୁମିତ୍ରା ପାତ୍ର କହିଛନ୍ତି, ଅଭିଯୁକ୍ତ ସଦାନନ୍ଦ ଫେରାର ରହିଛନ୍ତି। ତାଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଛି।

## ରିମାଣ୍ଡରେ ଗଲେ ସ୍ୱପ୍ନେଶ୍ୱର, ବୈକୁଣ୍ଠ ଓ ଟୁଲୁ



୩ ଅଭିଯୁକ୍ତଙ୍କୁ ପୋଲିସ ରିମାଣ୍ଡରେ ନେଉଛି।

ବେଗୁନିଆ ଥାନା ଅଧୀନ କଡ଼ବ ଗ୍ରାମର ମାଗୁଣି ନାୟକ ଓ ତାଙ୍କ ପୁଅ ଆନନ୍ଦଙ୍କୁ ମାନବବାଦ ସଙ୍ଗଠନ କର୍ମକର୍ତ୍ତା ଏକ ବନ୍ଦ କୋଠରିରେ ମାଡ଼ ମାରୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଗତ ଜୁଲାଇ ୨୫ରେ ଏହି ଘଟଣା ଘଟିଥିଲା। ଅଗଷ୍ଟ ୨୭ରେ ଉକ୍ତ ଘଟଣା ପଦାକୁ ଆସିବା ପରେ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏନେଇ ମାଗୁଣି ୭ଜଣଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ଏହି ଘଟଣାରେ ସମ୍ପୃକ୍ତ ଥିବା ୬ ଅଭିଯୁକ୍ତଙ୍କର ପୂର୍ବରୁ ସତ୍ୟବାନ ନାୟକ ହତ୍ୟାକାଣ୍ଡରେ ସମ୍ପୃକ୍ତି ରହିଛି। ପୋଲିସ ମଙ୍ଗଳବାର ଏହି ଘଟଣାରେ ସେମାନଙ୍କ ନାମ ଯୋଡ଼ିବା ଲାଗି କୋର୍ଟଙ୍କୁ ନିବେଦନ କରିଥିଲେ। ଅଭିଯୁକ୍ତ ସ୍ୱପ୍ନେଶ୍ୱର ନାୟକ, ବୈକୁଣ୍ଠ ନାୟକ ଓ ଟୁଲୁ ବେହେରାଙ୍କୁ ୪ଦିନିଆ ରିମାଣ୍ଡରେ ନେବାକୁ ଆବେଦନ କରିଥିଲେ। ବୁଧବାର ଏସ୍‌ଡିଜେଏମ୍ ସୌଦାମିନୀ ସିଂ ଅଭିଯୁକ୍ତମାନଙ୍କ ରିମାଣ୍ଡ ଲାଗି ଅନୁମତି ଦେଇଛନ୍ତି। ପୋଲିସ ସେମାନଙ୍କୁ ରିମାଣ୍ଡରେ ନେଇଛି। ଏହି ଘଟଣାର ଖୋଳତାଡ଼ କରାଯିବ ବୋଲି ପୋଲିସ କହିଛି।

## କାର୍ଯ୍ୟାନୁଷ୍ଠାନ ଦାବିକଲା ମାନବାଧିକାର ପରିଷଦ



ଏସ୍‌ପିଙ୍କୁ ଅନ୍ତର୍ଜାତୀୟ ମାନବାଧିକାର ପରିଷଦ କର୍ମକର୍ତ୍ତା ଦାବିପତ୍ର ଦେଉଛନ୍ତି।

ଅନ୍ତର୍ଜାତୀୟ ମାନବାଧିକାର ପରିଷଦ (ଆଇଏଚ୍‌ଆର୍‌ସି) ଓଡ଼ିଶା ଶାଖା ସଦସ୍ୟା ସଦସ୍ୟମାନେ ବୁଧବାର ଖୋର୍ଦ୍ଧା ଏସ୍‌ପି ରାଜକିଶୋର ଦୋରାଙ୍କୁ ଭେଟି ଏକ ଦାବିପତ୍ର ଦେଇଛନ୍ତି। ସେଥିରେ ସେମାନେ ମାନବବାଦ ସଙ୍ଗଠନ ମୁଖ୍ୟ ମାନସ ଦାସଙ୍କ ଗିରଫ ଦାବି କରିଛନ୍ତି। ଦାବିପତ୍ରରେ ଉଲ୍ଲେଖ ରହିଛି ଯେ, ବେଗୁନିଆ ଥାନା କଡବ ଗ୍ରାମର ବାପପୁଅଙ୍କୁ ମାନବବାଦ ସଙ୍ଗଠନ କର୍ମକର୍ତ୍ତା ବନ୍ଦ କୋଠରିରେ ମାଡ଼ ମାରିବା ଭିଡିଓ ଭାଇରାଲ ହେବା ପରେ ଏହି ସଙ୍ଗଠନର ଅସଲ ଚେହେରା ଖୋଲିଯାଇଛି। ଏଥିସହିତ ଅଭିମାନପୁର ଗ୍ରାମର ସତ୍ୟବାନ ନାୟକଙ୍କୁ ହତ୍ୟା, ଅନେକ ପରିବାରଙ୍କୁ ନିର୍ଯାତନା ଦେବା ଘଟଣା ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଏହା କୌଣସି ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ସଙ୍ଗଠନ ଆଳରେ ମାନସ ଏକଚ୍ଛତ୍ରବାଦ ଶାସନ ଚଳାଇଛନ୍ତି। ତେଣୁ ତାଙ୍କର ଏବଂ ତାଙ୍କ ସଙ୍ଗଠନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପରିଷଦ ଦାବି କରିଛି। ପରିଷଦ ଅଧ୍ୟକ୍ଷା ସସ୍ମିତା ଦାସ, ସୁସ୍ମିତା ସାହୁ, ରାଜକିଶୋର ବେହେରା, ଆଦିତ୍ୟ ମହାପାତ୍ର ପ୍ରମୁଖ ଏହି ଦାବିପତ୍ର ଦେଇଥିଲେ।

# ଅଭାବୀ ବର୍ଷା: ୧୨୦ ବର୍ଷରେ ୬ଷ୍ଠଥର

**ଭୁବନେଶ୍ୱର, ୧।୯(ବ୍ୟୁରୋ)**

ରାଜ୍ୟରେ ଚଳିତବର୍ଷ ଠିକ୍ ସମୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ଆସିଥିଲେ ମଧ୍ୟ ୨୯% ନିଅଣ୍ଟିଆ ବର୍ଷା ହୋଇଛି। ୧୨୦ ବର୍ଷରେ ୬ଷ୍ଠଥର ପାଇଁ ଏଭଳି ଅଭାବୀ ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି। ସୂଚନାନୁସାରେ, ଚଳିତବର୍ଷ ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ ୬୬୧.୧ମିମି ବର୍ଷା ରେକର୍ଡ କରାଯାଇଛି, ଯାହା ସ୍ୱାଭାବିକ ବର୍ଷା ୯୩୫.୮ମିମିଠାରୁ ୨୯% କମ୍। ୧୯୨୪ରେ ୬୩୬.୨ମିମି, ୧୯୫୪ରେ ୬୪୬.୮ମିମି, ୧୯୭୪ରେ ୬୫୮.୭ମିମି, ୧୯୮୭ରେ ୬୪୧.୪ମିମି ଏବଂ ୧୯୯୮ରେ ଶେଷଥର ପାଇଁ ୬୫୭.୫ମିମି ନିଅଣ୍ଟିଆ ବର୍ଷା ରେକର୍ଡ କରାଯାଇଥିଲା। ଶେଷ ୩ମାସକୁ ହିସାବକୁ ନେଲେ ଅଗଷ୍ଟରେ ସବୁଠୁ କମ୍ ବର୍ଷା ହୋଇଛି। ଅଗଷ୍ଟରେ ୨୦୪.୯ମିମି ବର୍ଷା ହୋଇଥିବାବେଳେ ଏହା ସ୍ୱାଭାବିକ ବର୍ଷା ୩୬୬.୪ମିମି ଠାରୁ ୪୪% କମ୍ ରହିଛି। ସେହିପରି ୧୯୬୫ରେ ଏହି ସମୟରେ ୧୮୭.୩ମିମି, ୧୯୮୭ରେ ୧୯୦.୩ମିମି, ୧୯୯୮ରେ ୨୦୩.୫ମିମି ବର୍ଷା ହୋଇଥିଲା।

ଜୁନ୍ ୧ରୁ ଅଗଷ୍ଟ ୩୧ ମଧ୍ୟରେ କେବଳ ୬ ଜିଲାରେ ସ୍ୱାଭାବିକ ବର୍ଷା ହୋଇଛି। ବାକି ୨୪ ଜିଲାରେ ନିଅଣ୍ଟିଆ ବର୍ଷା ହୋଇଛି। ଏହା ମଧ୍ୟରୁ ୪ ଜିଲା ଯାଜପୁର, ଭଦ୍ରକ, ବଲାଙ୍ଗୀର ଓ ଅନୁଗୋଳରେ ସର୍ବାଧିକ ୪୦% ଓ ତା'ଠାରୁ ଅଧିକ ନିଅଣ୍ଟିଆ ବର୍ଷା ହୋଇଛି। ଯାଜପୁରରେ ୫୪%, ଭଦ୍ରକରେ ୪୮%, ବଲାଙ୍ଗୀରରେ ୪୫% ଓ ଅନୁଗୋଳରେ ୪୦% ଅଭାବୀ ବର୍ଷା ହୋଇଥିବା ଦେଖାଯାଇଛି। ସେହିପରି ଅଗଷ୍ଟରେ କେବଳ ୪ ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବାବେଳେ ୧୮ ଜିଲାରେ



ନିଅଣ୍ଟିଆ ବର୍ଷା ହୋଇଛି। ବାକି ୮ ଜିଲାରେ ଅତି ନିଅଣ୍ଟିଆ ବର୍ଷା ହୋଇଛି। ବୌଦ୍ଧରେ ୭୫%, ସମ୍ବଲପୁର ଓ ସୋନପୁରରେ ୬୮%, ଅନୁଗୋଳ ଓ ବଲାଙ୍ଗୀରରେ ୬୩%, କନ୍ଧମାଳ ୬୨%, ବରଗଡ଼ ଓ ଯାଜପୁରରେ ୬୧% କମ୍ ବର୍ଷା ହୋଇଥିବା ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

ଅନ୍ୟପକ୍ଷରେ, ବୁଧବାର ଭୁବନେଶ୍ୱରରେ ସର୍ବାଧିକ ୩୦.୩ମିମି ବର୍ଷା ହୋଇଥିବାବେଳେ କୋରାପୁଟ, ଭବାନୀପାଟଣା, କଟକ, ତାଳଚେର, ମାଲକାନଗିରି, ପାରଳାଖେମୁଣ୍ଡିରେ ବି ବର୍ଷା ହୋଇଛି। ଆସନ୍ତା ୩ ତାରିଖରୁ ମଧ୍ୟ ରାଜ୍ୟର କେତେକ ଜିଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉକ୍ତ ଦିନ ମାଲକାନଗିରି, କୋରାପୁଟ ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ହେବ ଏବଂ ସେହିଦିନ ମାଲାକାନଗିରି, କୋରାପୁଟ, ନବରଙ୍ଗପୁର, ନୂଆପଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୋଳ, କେନ୍ଦୁଝର, ମୟୂରଭଞ୍ଜ ଓ ବଲାଙ୍ଗୀରରେ ଝଡ଼ବର୍ଷା ସହିତ ବଜ୍ରପାତ ହେବ ବୋଲି ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ସେହିପରି ୪ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି ଏବଂ ୫ ତାରିଖରେ ମାଲକାନଗିରି, କୋରାପୁଟ, ଗଜପତି, ଗଞ୍ଜାମ ଓ ପୁରୀରେ ପ୍ରବଳ ବର୍ଷା ହେବ। ତେଣୁ ଏହି ୩ଦିନ ପ୍ରବଳ ବର୍ଷା ନେଇ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରିଛି ପାଣିପାଗ କେନ୍ଦ୍ର।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚାଉଳ ଚିକ୍କଣ ମେଘ ଗରଜନ**
**ଭଲା ସାଜିଥିଲା ତୁମ୍ଭଙ୍କୁ**
**କେଉଁ ନାରୀ ତୁମ ମୁଖ ବାନ୍ଧିଦେଲା**
**କଥା ନ କହିଲ ଆମ୍ଭଙ୍କୁ।**

ମନର ମଣିଷ ଯେତେବେଳେ ଦୂରେଇ ଦିଏ, ଆଡ଼ ଆଡ଼ ହୋଇ କଥା ନ କହେ ସେତେବେଳେ ଏହାକୁ ସହ୍ୟ କରିବା ଅତୀବ କଷ୍ଟକର ହୋଇଯାଏ। ପ୍ରେମୀର ହତାଦର ଭାବକୁ ସହ୍ୟ କରିପାରୁ ନ ଥିବା ତରୁଣୀର ବ୍ୟଥିତ ମନୋଭାବକୁ ଦୃଷ୍ଟିରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଚଟୁ ପ୍ରାୟ ତାଙ୍କ ଗୁଣ**
**ଚଟୁକି ଜାଣେ ତିଅଣ ସୁଆଦ**
**ଘୋରି ଘୋରି ଅକାରଣ।**

ବିନା କଷ୍ଟରେ ଶ୍ରମ ସୁଖ ଭୋଗ କରୁଥିବା ବ୍ୟକ୍ତି ଶ୍ରମର କଷ୍ଟ ବୁଝି ନ ଥାଏ। ରୋଷେଇରେ ରନ୍ଧାରନ୍ଧି ପାଇଁ ଚଟୁର ବ୍ୟବହାର କରାଯାଏ। ଚଟୁ କିନ୍ତୁ ରନ୍ଧାର ସ୍ୱାଦ ଜାଣିପାରିନଥାଏ। ସେହିପରି କିଛି ବ୍ୟକ୍ତି ଜୀବନ ଭରି କଷ୍ଟକରି ଚାଲିଥାନ୍ତି, ପରନ୍ତୁ ସେ ନିଜ ଶ୍ରମ ଫଳ ଭୋଗିବାରୁ ବଞ୍ଚିତ ହେଉଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ନାକେଦମ କଲେ ମାନସିକ ଭିନ୍ନକ୍ଷମ ରୋଗୀ

**ଅନୁଗୋଳ ଅଫିସ, ୧।୯**

- ମେଡିକାଲ ତାଜାକୁ ଚଢ଼ି ଆତ୍ମହତ୍ୟା ଉଦ୍ୟମ
- ୨ ଦିନ ଧରି ଚିକିତ୍ସିତ ହେଉଥିଲେ
- ଉଦ୍ଧାର ପାଇଁ ଲାଗିଲା ଅଢ଼େଇ ଘଣ୍ଟା

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଥିବା ଜଣେ ମାନସିକ ଭିନ୍ନକ୍ଷମ ରୋଗୀଙ୍କୁ ନେଇ ମେଡିକାଲ ପ୍ରଶାସନ ବୁଧବାର ନାକେଦମ ହୋଇଛି। ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଚିକିତ୍ସାଳୟର ୩ୟ ମହଲା ଝରକା ତାଜା ଉପରେ ରୋଗୀ ଜଣକ ଚଢ଼ିଯାଇଥିବାବେଳେ ତାଙ୍କୁ ଉଦ୍ଧାର କରିବାକୁ ଅଗ୍ନିଶମ କର୍ମଚାରୀଙ୍କୁ ଅଢ଼େଇ ଘଣ୍ଟା ପରିଶ୍ରମ କରିବାକୁ ପଡ଼ିଛି। ତେବେ କୌଶଳକ୍ରମେ ସମ୍ପୃକ୍ତ ରୋଗୀଙ୍କୁ କାବୁ କରାଯାଇ ସ୍ୱାସ୍ଥ୍ୟପରୀକ୍ଷା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

ସୂଚନା ଅନୁଯାୟୀ, ଅନୁଗୋଳ ସଦର ଥାନା କୁମଣ୍ଡ ଗ୍ରାମର ଭଜମନ ଗୋଚ୍ଛାୟତଙ୍କ ମାନସିକ ରୋଗ ରହିଛି। ୨ ଦିନ ତଳେ ସେ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ। ମେଡିସିନ ବିଭାଗ ମେଲ୍ ୱାର୍ଡରେ ତାଙ୍କୁ ଭର୍ତ୍ତି କରାଯାଇଥିଲା।



ଉଦ୍ଧାର ପରେ ମାନସିକ ରୋଗୀଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ନିଆଯାଉଛି।

ବୁଧବାର ପୂର୍ବାହ୍ନ ୮ଟା ୩୦ରେ ଭଜମନ ବେଡ୍‌ରେ ନ ଥିବା ସ୍ୱାସ୍ଥ୍ୟ କର୍ମୀମାନେ ଜାଣିବାକୁ ପାଇଥିଲେ। ଖୋଜାଖୋଜି ବେଳେ ଭଜମନ ମେଡିକାଲ ବିଲ୍ଡିଂର ୩ୟ ମହଲା ଝରକା ତାଜା ଉପରେ ଠିଆ ହୋଇ ଆତ୍ମହତ୍ୟା କରିବାକୁ ଉଦ୍ୟମ କରୁଥିବା ସଫେଇ କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏ ନେଇ ମେଡିକାଲ କର୍ତ୍ତୃପକ୍ଷ ଖବରପାଇବା ମାତ୍ରେ ଅଗ୍ନିଶମ ବିଭାଗକୁ ଅବଗତ କରାଇଥିଲେ। ଅଗ୍ନିଶମ ବିଭାଗର ଆସିଷ୍ଟାଣ୍ଟ ଫାୟାର ଅଫିସର ପ୍ରସନ୍ନ କୁମାର ଧଳଙ୍କ ନେତୃତ୍ୱରେ ଏକ ଟିମ୍ ତୁରନ୍ତ ମେଡିକାଲରେ ପହଞ୍ଚି ଉଦ୍ଧାର ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଫାୟାର ମ୍ୟାନ୍ ସୁମନ୍ତ କୁମାର ସାହୁ ତାଜା ନିକଟରେ ପହଞ୍ଚି ନାନା ବାହାନା କରି ଭଜମନଙ୍କୁ ଡାକିଥିଲେ। ପାନ ପୁଡ଼ିଆ ମଧ୍ୟ ଯାଚିଥିଲେ। କିନ୍ତୁ ସେ ଫାୟାର ମ୍ୟାନ୍‌ଙ୍କ କଥା ଶୁଣି ନ ଥିଲେ। ତାଙ୍କୁ ମେଡିକାଲ ଚାକିରିରୁ ବାହାର କରାଯାଇଥିବାରୁ ପୁନଃ ନିଯୁକ୍ତି ପ୍ରଦାନ ପାଇଁ ଜିଦ୍ ଧରିଥିଲେ। ସମ୍ପର୍କୀୟମାନେ ବୁଝାଇଥିଲେ ମଧ୍ୟ ସେମାନଙ୍କ କଥା ମାନି ନ ଥିଲେ। ପରେ ଅଗ୍ନିଶମ କର୍ମଚାରୀମାନେ ତଳେ ଜାଲ ବିଛାଇବା ସହ ଉପରକୁ ରଶି ପକାଇଥିଲେ। ପୂର୍ବାହ୍ନ ୧୧ଟା ୧୩ରେ ଭଜମନ ସାମାନ୍ୟ ଅନ୍ୟମନସ୍କ ହେବା ପରେ ଫାୟାର ମ୍ୟାନ ସୁମନ୍ତ ତାଙ୍କୁ ସ୍କାଏଲାଇଟ୍ ଭିତରକୁ ଠେଲିଦେଇ ଉଦ୍ଧାର କରିଥିଲେ।

# ଦକ୍ଷତା, ଉଦ୍ୟମିତାର ବିକାଶ ଲକ୍ଷ୍ୟ ହେଉ

**ବଲାଙ୍ଗୀର ଅଫିସ, ୧।୯**

**ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ଶିକ୍ଷାନୁଷ୍ଠାନ ପରିସରରେ ବୁଧବାର ଭର୍ଚୁଆଲ ମୋଡରେ ଅନୁଷ୍ଠିତ ହୋଇଛି। କୁଳପତି ପ୍ରଫେସର ଡ. ଉମାବଲ୍ଲଭ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଅସିତ କୁମାର ତ୍ରିପାଠୀ ମୁଖ୍ୟଅତିଥି, ଆର୍ଥିକ ବିକାଶ ସଂସ୍ଥାନ ନୂଆଦିଲ୍ଲୀର ନିର୍ଦ୍ଦେଶକ ପ୍ରଫେସର ଅଜିତ ମିଶ୍ର ମୁଖ୍ୟବକ୍ତାଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ପ୍ରଫେସର ମିଶ୍ର ତାଙ୍କ ବକ୍ତବ୍ୟରେ ବର୍ତ୍ତମାନ ଯୁଗର ସବୁଠୁ ବଡ଼ ଆବଶ୍ୟକତା ଓ ଆହ୍ୱାନ ହେଲା ଛାତ୍ରୀଛାତ୍ରଙ୍କୁ ଆତ୍ମନିର୍ଭରଶୀଳ, ଦକ୍ଷ ଓ ଉଦ୍ୟୋଗୀ କରି ଗଢ଼ି ତୋଳିବା। ତେଣୁ ଉଦ୍ୟମିତା ଏବଂ ଦକ୍ଷତା ବିକାଶ ହିଁ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ହେବା ଉଚିତ୍। ବିଦ୍ୟାର୍ଥୀଙ୍କ ଦକ୍ଷତାର ସାମଗ୍ରିକ ବିକାଶ ହେଲେ ସେମାନଙ୍କ ଆତ୍ମବିଶ୍ୱାସ ବୃଦ୍ଧି ହେବା ସହ ଅଞ୍ଚଳର ମଧ୍ୟ ବିକାଶ ସମ୍ଭବ ହେବ ବୋଲି ସେ କହିଥିଲେ। ମୁଖ୍ୟଅତିଥି ତ୍ରିପାଠୀ ତାଙ୍କ ବକ୍ତବ୍ୟରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଅଭିବୃଦ୍ଧି ଦିଗରେ ଅର୍ଥ ବାଧକ ସାଜିବ ନାହିଁ ବୋଲି କହିଥିଲେ। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ଜମି ସମସ୍ୟା ଆଗାମୀ ୩ମାସ ମଧ୍ୟରେ ସମାଧାନ ହେବ ବୋଲି ସେ କହିଥିଲେ। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହାପାତ୍ର ତାଙ୍କ ଅଭିଭାଷଣରେ ନୂତନ ଶିକ୍ଷାନୀତି-୨୦୨୦ର ମୂଳଲକ୍ଷ୍ୟକୁ ପୂରଣ କରିବା ସହିତ ଏକ ଉତ୍କର୍ଷ ଶିକ୍ଷାନୁଷ୍ଠାନ ହିସାବରେ ଗଢ଼ିବା ଦିଗରେ ଉଦ୍ୟମ କରାଯାଉଛି ବୋଲି କହିଥିଲେ।

## ବିଧାୟକଙ୍କ ଦ୍ୱାରା ମାସ୍କ ବଣ୍ଟନ

କଣାସ,(ସ୍ୱ.ପ୍ର.)- ସ୍ଥାନୀୟ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କ ଦ୍ୱାରା କଣାସ ବ୍ଲକର ୨୮ଟି ପଞ୍ଚାୟତର ସମସ୍ତ ଗ୍ରାମକୁ ମାସ୍କ ବଣ୍ଟନ କରାଯାଇଛି। ଦୟାବିହାରରେ ପ୍ରତିଷ୍ଠିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ବୁଧବାର ସ୍ଥାନୀୟ ବିଧାୟକ ସାମନ୍ତରାୟ, ବିଡିଓ ଲୋଚନ ଦାସ, ତହସିଲଦାର ଲକ୍ଷ୍ମୀଧର ମହାରଣା ଉପସ୍ଥିତ ରହି ପ୍ରତି ପଞ୍ଚାୟତର ସ୍ୱୟଂ ସହାୟକ ଗୋଷ୍ଠୀ କର୍ମକର୍ତ୍ତାଙ୍କୁ ନିଜ ନିଜ ପଞ୍ଚାୟତ ପାଇଁ ମାସ୍କ ଦେବା ସହିତ ଆଗାମୀ ଦିନରେ ଆସୁଥିବା କରୋନାର ତୃତୀୟ ଲହର ପାଇଁ ଜନସଚେତନତା କରିବାକୁ ପରାମର୍ଶ ଦେଇଥିଲେ।

# ସର୍ବସାଧାରଣଙ୍କ ଲାଗି ଖୋଲିଲା ଲିଙ୍ଗରାଜ ମନ୍ଦିର

### ୧ହଜାରରୁ ଊର୍ଦ୍ଧ୍ୱ ଭକ୍ତ ଦର୍ଶନ କଲେ



ପୁରୁଣା ଭୁବନେଶ୍ୱର,୧୮(ଡି.ଏନ୍.ଏ.)

କୋଭିଡ୍-୧୯ ଦ୍ୱିତୀୟ ଲହର ପାଇଁ ଦୀର୍ଘ ୩ ମାସ ପରେ ବୁଧବାର ମହାପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲା ହୋଇଛି। ପ୍ରଥମ ଦିନରେ ରାଜ୍ୟ ଓ ରାଜ୍ୟ ବାହାରୁ ପର୍ଯ୍ୟଟକମାନେ ଆସି କୋଭିଡ୍ ଗାଇଡ୍‌ଲାଇନ ମାନି ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରି ଆତ୍ମ ସନ୍ତୋଷ ପ୍ରାପ୍ତ କରିଛନ୍ତି। ଅପରାହ୍ନ ୪ଟା ସୁଦ୍ଧା ପ୍ରାୟ ୧ହଜାରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କରିଥିବା ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ପ୍ରାତଃରୁ ମଙ୍ଗଳ ଆଳତି ଅବକାଶ ପରେ ସାହାଣମେଲା ହୋଇଥିଲା। ଏହାପରେ ଶ୍ରଦ୍ଧାଳୁମାନଙ୍କୁ ମନ୍ଦିର ପ୍ରବେଶ କରିବା ପାଇଁ ଅନୁମତି ଦିଆଯାଇଥିଲା। ମାସ୍କ, ସାନିଟାଇଜର ସହ ସମଦୂରତା ରଖି ଭକ୍ତମାନେ ମନ୍ଦିରର ମୁଖ୍ୟଦ୍ୱାରରେ ପ୍ରବେଶ କରି ଆଡ଼ପକାଠ ନିକଟରେ ଶ୍ରୀଜୀଉଙ୍କୁ ଦର୍ଶନ କରିଥିଲେ। ତେବେ ଶ୍ରଦ୍ଧାଳୁଙ୍କ ପ୍ରବେଶ ସମୟରେ କେତେଜଣ ବରିଷ୍ଠ ନାଗରିକ ଓ ଛୋଟ ପିଲାଙ୍କୁ ମନ୍ଦିର ପ୍ରବେଶ ବାରଣ କରାଯାଇଥିଲା। ଅନେକ ପର୍ଯ୍ୟଟକଙ୍କ ସାଙ୍ଗରେ ଛୋଟପିଲା ଏବଂ ବରିଷ୍ଠ ନାଗରିକମାନେ ରହିଥିଲେ। ସେମାନେ ଯଦିଓ କୋଭିଡ୍ କଟକଣାର ଗାଇଡ୍‌ଲାଇନ ମାନୁଥିବା ଦର୍ଶାଇଥିଲେ କିନ୍ତୁ ଚେକିଂ କରୁଥିବା କର୍ମଚାରୀମାନେ ସେମାନଙ୍କୁ ମନ୍ଦିର ପ୍ରବେଶ ମନା କରାଯାଇଥିଲା। ଏହାକୁ ନେଇ ଅନେକ ଭକ୍ତ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୁରୀରେ ସମସ୍ତଙ୍କୁ ଶ୍ରୀମନ୍ଦିର ପ୍ରବେଶ କରାଯାଉଥିବାବେଳେ ଏଠାରେ କ'ଣ ଆଇନି ଅଲଗା ବୋଲି ଜଣେ ଶ୍ରଦ୍ଧାଳୁ ପ୍ରଶ୍ନ କରିଛନ୍ତି।

## ସଂକ୍ଷେପରେ

### ଶର୍ଟ ସର୍କିଟରୁ ନିଆଁ ଲାଗି ୨ ଦୋକାନ ଜଳିଗଲା

ବୋଲଗଡ଼,୧୮(ଡି.ଏନ୍.ଏ.)- ଖୋର୍ଦ୍ଧା ଜିଲା ବୋଲଗଡ଼ ତହସିଲ ଅଧୀନ ସାନପଦର ଗ୍ରାମରେ ବୁଧବାର ଶର୍ଟସର୍କିଟରୁ ନିଆଁ ଲାଗି ୨ଟି ଦୋକନ ଘର ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ଯାଇଥିବା ଅନୁମାନ କରାଯାଉଛି। ଖବରପାଇ ବୋଲଗଡ଼ ଅଗ୍ନିଶମ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ବୋଲଗଡ଼ ଅଗ୍ନିଶମ ଅଧିକାରୀ ନିରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୨ଟାରେ ସାନପଦର ପଞ୍ଚାୟତ କାର୍ଯ୍ୟାଳୟ ନିକଟ ବଜାରରେ ଥିବା ପ୍ରସନ୍ନ କୁମାର ମିଶ୍ରଙ୍କ ପୂଜା ସାମଗ୍ରୀ ଦୋକାନ ଓ ରାଜକିଶୋର ବରାଡଙ୍କ ସିମେଣ୍ଟ ଗୋଦାମରେ ହଠାତ୍ ନିଆଁ ଲାଗିଯାଇଥିଲା। ଘଟଣାସ୍ଥଳରେ ବେଗୁନିଆ ଓ ବୋଲଗଡ଼ ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ତେବେ ବିଦ୍ୟୁତ୍ ଶର୍ଟସର୍କିଟ କାରଣରୁ ଅଗ୍ନିକାଣ୍ଡ ଘଟିଥିବାର କୁହାଯାଉଛି।

### ମଦ ଜବତ, ୨ ଗିରଫ

ଖୋର୍ଦ୍ଧା ଅଫିସ,୧୮: ଖୋର୍ଦ୍ଧା ଅବକାରୀ ପୋଲିସ ବୁଧବାର ୨ଟି ସ୍ଥାନରେ ଚଢ଼ାଉ କରି ୫୦ ଲିଟର ମଦ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ୨ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ବୋଲଗଡ଼ ଥାନା ଅଧୀନ ଅସରଳା ଗ୍ରାମର ସୌରୀ ସାମନ୍ତରାୟ ଏବଂ ବେଗୁନିଆ ଥାନା ଅଞ୍ଚଳର ଅଜୟ କୁମାର ସାହୁ। ଏନେଇ ଏକ୍ସାଇଜ ଆକ୍ଟରେ କେସ୍ ନଂ.୨୭/୨୧ ଓ ୨୮/୨୧ ରୁଜୁ ହୋଇଛି ବୋଲି ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ କହିଛନ୍ତି।

### ଫସଲ ବୀମା କ୍ଷତିପୂରଣ ପ୍ରଦାନ ପାଇଁ ଦାବି

ପୁରୀ ଅଫିସ, ୧୮-ଚାଷୀଙ୍କ ଫସଲ ବୀମା କ୍ଷତିପୂରଣ ପ୍ରଦାନରେ ବ୍ୟାଙ୍କ ଅହେତୁକ ବିଳମ୍ବ କରୁଥିବା ଅଭିଯୋଗ କରି ଧନିତ୍ରୀ ସେବା ସମବାୟ ସମିତି ଲିଃ ଅନ୍ତର୍ଗତ କାଦୁଆନୂଆଗାଁ ଗ୍ରାମପଞ୍ଚାୟତ ପରିସରରେ ଥିବା ବିଭିନ୍ନ ଗ୍ରାମର କୃଷକ ମାନଙ୍କ ପକ୍ଷରୁ ବୁଧବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କୃଷକମାନେ ଅଭିଯୋଗରେ ଦର୍ଶାଇଛନ୍ତି ଗତ ଖରିଫ ଋତୁ ୨୦୨୦ରେ ଉକ୍ତ ସମିତି ଅଧୀନ ଜଗନ୍ନାଥପଡା, ବବୁଆ, ପୋବେଇ, ସନ୍ତରସ ଓ ଉପୁଳା ଆଦି ଗ୍ରାମରୁ ଶତାଧିକ ଚାଷୀଙ୍କର ଫସଲ ହାନି ଘଟିଥିଲା। ଏ ନେଇ ଅଗଷ୍ଟ ୫ରୁ ଚାଷୀଙ୍କ କ୍ଷତି ପୂରଣ ବାବଦରେ ପ୍ରାୟ ୯୮ ଲକ୍ଷ ୪୫ ହଜାର ଟଙ୍କା ବୀମା କମ୍ପାନୀ ଦ୍ୱାରା ପୁରୀ ନିମାପଡା କେନ୍ଦ୍ର ସମବାୟ ବ୍ୟାଙ୍କର ବ୍ୟାଙ୍କ ଆକାଉଣ୍ଟଙ୍କୁ ପ୍ରଦାନ କରାଯାଇଛି। ମାତ୍ର ବ୍ୟାଙ୍କ ଏହି ଅର୍ଥ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରିବା କ୍ଷେତ୍ରାରେ ତାଳତିଳ ନୀତି ଅବଲମ୍ବନ କରୁଛି। ତେଣୁ ପ୍ରଶାସନ ଚାଷୀମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି କ୍ଷତିଗ୍ରସ୍ତ ହୋଇଥିବା କୃଷକଙ୍କ ପାଇଁ ଆସିଥିବା କ୍ଷତିପୂରଣ ଅର୍ଥକୁ ଯଥାଶୀଘ୍ର ପୁରୀ - ନିମାପଡା ସମବାୟ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯିବ ବୋଲି କୃଷକ ମାନେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ପ୍ରତାପ ପ୍ରଧାନ, ନୃସିଂହ ବେହେରା, ପଞ୍ଚୁ ମଲ୍ଲିକ, ପ୍ରକାଶ ସ୍ୱାଇଁ ଏବଂ ପୃଥୀରାଜ ବେହେରା ଉପସ୍ଥିତ ଥିଲେ।

### ବୀମା ସପ୍ତାହ ପାଳିତ

ଖୋର୍ଦ୍ଧା ଅଫିସ,୧୮: ଖୋର୍ଦ୍ଧା ଜୀବନ ବୀମା ନିଗମ (ଏଲ୍‌ଆଇସି) କାର୍ଯ୍ୟାଳୟ ପରିସରରେ ବୁଧବାର ବୀମା ସପ୍ତାହ ପାଳିତ ହୋଇଯାଇଛି। ବରିଷ୍ଠ ଶାଖା ପ୍ରବନ୍ଧକ ରମାକାନ୍ତ ପରିଡ଼ା, ଗଙ୍ଗାଧର ପତ୍ର ଓ କଲ୍ୟାଣୀ ବକ୍ସି ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଚିତ୍ରଶିଳ୍ପୀ ସମୀକ୍ଷା ପଣ୍ଡା ଯୋଗଦେଇଥିଲେ। ଶାଖାର ବରିଷ୍ଠ କର୍ମଚାରୀ ସନ୍ତୋଷ କୁମାର ମହାପାତ୍ର ଏବଂ ଉନ୍ନୟନ ଅଧିକାରୀଙ୍କୁ ସମ୍ମାନିତ କରାଯାଇଥିଲା। କର୍ମଚାରୀ ସଂଘର ସମ୍ପାଦକ ସଞ୍ଜୟ କୁମାର ସାମଲ ଓ ବିଭୁପ୍ରସାଦ କରଙ୍କ ସମେତ ବହୁ ବୀମା କର୍ମଚାରୀ, ଏଜେଣ୍ଟ ଉପସ୍ଥିତ ଥିଲେ।

### ଶ୍ରୀଜଗନ୍ନାଥ ସାହିତ୍ୟ ଉପରେ ଚର୍ଚ୍ଚା

ଭୁବନେଶ୍ୱର, ୧୮: ଭୁବନେଶ୍ୱରସ୍ଥିତ ଭାବ ଉତ୍ତରଣ ସାହିତ୍ୟ ପରିଷଦର ମାସାନ୍ତ ବିଶେଷ ସାହିତ୍ୟ ଆସର ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସରରେ ଏଥର "ଓଡ଼ିଆ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଚେତନା" ଶୀର୍ଷକ ଆଲୋଚନା କରା ଯାଇଥିଲା।ଏଥିରେ ମୁଖ୍ୟ ଅତିଥିଭାବେ ଜଗନ୍ନାଥ ସଂସ୍କୃତି ବିଶେଷଜ୍ଞ ଚନ୍ଦ୍ରଶେଖର ଦାଶ ଯୋଗଦେଇ ଓଡ଼ିଆ ସାହିତ୍ୟରେ ଜଗନ୍ନାଥ ଚେତନାର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଶେଷ ପର୍ଯ୍ୟାୟରେ ଏକ ପ୍ରଶ୍ନୋତ୍ତର ପର୍ବ ଅନୁଷ୍ଠିତ ହୋଇଥିଲା। ଉପଦେଷ୍ଟା ମଣ୍ଡଳୀର ଦକ୍ଷତା ପରାମର୍ଶଦାତା ପ୍ରବୀଣ ପୃଷ୍ଟି ମୁଖ୍ୟ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପରିଷଦର ପ୍ରତିଷ୍ଠାତା ଓ ପରିଚାଳକ ଦୀପକ ରଞ୍ଜନ ଗ୍ରହାଚାର୍ଯ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆରତି ପଟ୍ଟଯୋଶି ଧନ୍ୟବାଦ ଦେଇଥିଲେ।

# ଡ୍ରାଇଭର ମହାସଂଘର ବାଇକ ଶୋଭାଯାତ୍ରା



ବିଭିନ୍ନ ଦାବି ନେଇ ଡ୍ରାଇଭର ମହାସଂଘ ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

ଖୋର୍ଦ୍ଧା ଅଫିସ, ୧୮

ଓଡ଼ିଶା ଡ୍ରାଇଭର ମହାସଂଘ ଖୋର୍ଦ୍ଧା ଜିଲା ଶାଖା ପକ୍ଷରୁ ବିଭିନ୍ନ ଦାବିରେ ବୁଧବାର ଏକ ବାଇକ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଅନେକ ସମୟରେ ଡ୍ରାଇଭରମାନେ ଜନଆକ୍ରୋଶର ଶିକାର ହେଉଛନ୍ତି। ସେମାନଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ କରାଯାଉ। ଗାଡ଼ି ପାର୍କିଂ ପାଇଁ ପାର୍କିଂ ସ୍ଥଳ, ବିଶ୍ରାମାଗାର, ଶୌଚାଳୟ, ୫୫ବର୍ଷ ପରେ ପେନସନ୍ ବ୍ୟବସ୍ଥା, ଦୁର୍ଘଟଣାରେ ପ୍ରାଣ ହରାଇଥିବା ପରିବାରଙ୍କୁ ୨୦ଲକ୍ଷ ଟଙ୍କା ବୀମା ରାଶି, ଅକର୍ମଣ୍ୟ ଡ୍ରାଇଭରଙ୍କୁ ୧୦ଲକ୍ଷ ଏବଂ ଚିକିତ୍ସା ପାଇଁ ୫ଲକ୍ଷ ପର୍ଯ୍ୟନ୍ତ ବୀମା ଯୋଗାଇ ଦିଆଯାଉ। ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ ୫ଲକ୍ଷ ଟଙ୍କା ଅର୍ଥ ଦିଆଯାଉ। ଡ୍ରାଇଭର ପରିବାର ପିଲାଙ୍କ ଉଚ୍ଚ ଶିକ୍ଷାର ବ୍ୟବସ୍ଥା କରାଯାଉ। ରାସ୍ତାରେ ଡ୍ରାଇଭରମାନଙ୍କୁ ପ୍ରଶାସନ ପକ୍ଷରୁ ହଇରାଣ କରା ଯାଉ ବୋଲି ଦାବି କରାଯାଇଛି। ସଂଘର ସଭାପତି ରାକେଶ ମହାରଣା, ପ୍ରକାଶ ମହାରଣା, ସରୋଜ ଦାସ, ରାଜେଶ ଦାଶ ପ୍ରମୁଖ ଏହି ଆନ୍ଦୋଳନରେ ସାମିଲ ଥିଲେ।

## କଲେଜ ଡାଟା ଏଣ୍ଟ୍ରି ଅପରେଟରଙ୍କ ଦାବିପତ୍ର

ପୁରୀ ଅଫିସ, ୧୮

ନିଖିଳ ଓଡ଼ିଶା ସରକାରୀ ଅନୁଦାନପ୍ରାପ୍ତ କଲେଜ ଡାଟା ଏଣ୍ଟ୍ରି ଅପରେଟର ଆସୋସିଏଶନ ପକ୍ଷରୁ ବୁଧବାର ୪ଦଫା ଦାବି ନେଇ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି। ଅଭିଯୋଗ ଅନୁଯାୟୀ, ଅନୁଦାନପ୍ରାପ୍ତ କଲେଜଗୁଡ଼ିକରେ ଡାଟା ଏଣ୍ଟ୍ରି ଅପରେଟର ଭାବେ ୧୧ବର୍ଷ ହେବ କାର୍ଯ୍ୟ କରିଆସୁଥିବା କର୍ମଚାରୀମାନେ ସରକାରଙ୍କ ସୁବିଧା ପାଇପାରୁନାହାନ୍ତି। ଛାତ୍ରୀଛାତ୍ରଙ୍କ ଆଡ୍‌ମିଶନ, ଖାତା ଦେଖା ପରି କାର୍ଯ୍ୟଠାରୁ ଆରମ୍ଭ କରି ଅନଲାଇନ ହେଉଥିବା ସମସ୍ତ ସେବା ଯୋଗାଇଆସୁଛନ୍ତି। କରୋନା ସମୟରେ ଡାଟା ଏଣ୍ଟ୍ରି ଅପରେଟରମାନେ ଆର୍ଥିକ ସମସ୍ୟା ଦେଇ ଗତି କରୁଛନ୍ତି। ତେଣୁ ସରକାର ସେମାନଙ୍କ ସମସ୍ୟା ସମାଧାନ କରିବାକୁ ସଂଘ ଦାବି କରିଛି । ଦାବି ପୂରଣ ନ ହେଲେ ସଂଘ ରାସ୍ତାକୁ ଓହ୍ଲାଇବ ବୋଲି ପୁରୀ ଜିଲା ସଂଯୋଜକ ଶାଶ୍ୱାତ ରଞ୍ଜନ ପ୍ରଧାନ କହିଛନ୍ତି।

## ୨୧ ପରିବାର ଭାଜପାରେ ଯୋଗଦେଲେ

କୃଷ୍ଣପ୍ରସାଦ,୧୮(ଡି.ଏନ୍.ଏ.)

କୃଷ୍ଣପ୍ରସାଦ ବ୍ଲକ ଭାଜପା ତରଫରୁ ବୁଧବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମଗିରି ବିଧାୟକ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ରଙ୍କ ଆଦର୍ଶ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ସ୍ଥାନୀୟ ଅଞ୍ଚଳର ୨୧ ପରିବାର ଭାଜପାରେ ସାମିଲ ହୋଇଛନ୍ତି। ବିଧାୟକ ତିତିପ ପଞ୍ଚାୟତର ଦେଉଳପଡା, ବାଉରିପଲ୍ଲୀ, ବିଭିନ୍ନ ଗ୍ରାମ ପରିଦର୍ଶନ କରି ଲୋକମାନଙ୍କ ବିଭିନ୍ନ ସମସ୍ୟା ପଚାରି ବୁଝିବା ସହ ଖୁବଶୀଘ୍ର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ବ୍ଲକ ମିଡିଆସେଲ ମୁଖ୍ୟ ସଂଗ୍ରାମ କେଶରୀ ଜେନାଙ୍କ ସହଯୋଗରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଏଥିରେ ଦାମୋଦର ବିଶ୍ୱାଳ, ବ୍ଲକ ସଭାପତି ଦୀନବନ୍ଧୁ ଜେନା, ଯୁବମୋର୍ଚ୍ଚା ପ୍ରଭାରୀ ଉତ୍ତମ ତରେଇ, ସୁରେନ୍ଦ୍ର ବିଶ୍ୱାଳ, ଅଶୋକ ବିଶ୍ୱାଳ ଉପସ୍ଥିତ ଥିଲେ। ଅନୀଲ ସେଠ୍, ଜୟରାମ ଦାସ, ରାମଚନ୍ଦ୍ର ସେଠୀ, ସଦାନନ୍ଦ ପ୍ରଧାନ, କୃଷ୍ଣପ୍ରସାଦ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ ସାମିଲ ଥିଲେ।

# ଚାଷ ପ୍ରତି ଆଗ୍ରହୀ ହେଉଛନ୍ତି ମହିଳା

ନିରାକାରପୁର,୧୮(ଡି.ଏନ୍.ଏ.)

ପୂର୍ବରୁ ପୁରୁଷମାନେ ଚାଷ ପ୍ରତି ଅଧିକ ଗୁରୁତ୍ୱ ଦେଉଥିବା ବେଳେ ଏବେ କିନ୍ତୁ ଚାଷ ପାଇଁ ଆକୃଷ୍ଟ ହୋଇଛନ୍ତି ମହିଳାମାନେ। ଏମାନେ ବିଭିନ୍ନ କିସମର ଚାଷ କରି ବେଶ ଲାଭବାନ ହେବା ସହ ପରିବାର ଚଳାଇପାରୁଛନ୍ତି। ଏଭଳି ଦୃଶ୍ୟ ନିରାକାରପୁର ସମେତ ଏହାର ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳିଛି। ଚଳିତବର୍ଷ ମୌସୁମୀ ବର୍ଷା ଦୁର୍ବଳ ହୋଇଥିବା ବେଳେ ଲଘୁଚାପଜନିତ ବର୍ଷା ଜିଲାର ଅନେକ ଅଞ୍ଚଳରେ ଚାଷୀ ପାଇଁ ଖୁସି ଆଣିଦେଇଛି। ଏବେ ହଳ ଲଙ୍ଗଳ ସଜାଡି ରୁଆ ବେଉଷଣରେ ମାତିଛନ୍ତି ମହିଳା ଓ ପୁରୁଷ ଚାଷୀ। ଏହି ଅଞ୍ଚଳରେ ପ୍ରାୟ ୮୦ଭାଗ ଲୋକ ଚାଷ ଉପରେ ନିର୍ଭର କରି ଚଳନ୍ତି। ବର୍ଷାଦିନିଆ ଚାଷ ପାଇଁ ପାଗ ଅନୁକୂଳ ଥିବାରୁ ମହିଳା, ପୁରୁଷ ଚାଷୀମାନେ ସକାଳୁ ସନ୍ଧ୍ୟା ଯାଏଁ ଏବେ ଚାଷ ଜମିରେ କାର୍ଯ୍ୟ କରୁଛନ୍ତି। କରୋନା ସମୟରେ ସମସ୍ତେ ଘରେ ରହୁଥିବା ବେଳେ ଆହାର ଯୋଗାଇବା ଲକ୍ଷ୍ୟରେ ମହିଳାମାନେ ଚାଷ ପ୍ରତି ଆଗେଇ ଆସିଛନ୍ତି। ଏ ନେଇ ମହିଳା ଚାଷୀ ବିଷ୍ଣୁପ୍ରିୟା ମହାପାତ୍ର କହିଛନ୍ତି, ୪ ଏକର ଜମିରେ ନିଜ ହାତରେ ଭାଗଚାଷ କରିଛି। କିନ୍ତୁ ମୋତେ ସରକାରଙ୍କ ପକ୍ଷରୁ କୌଣସି ସାହାଯ୍ୟ ସହଯୋଗ ମିଳୁ ନାହିଁ। କାଳିଆ ଯୋଜନାରୁ ମଧ୍ୟ ବାଦ ପଡିଛି। ଯଦି ସରକାରଙ୍କ ପକ୍ଷରୁ ମତେ ଚାଷ ପାଇଁ ସାହାଯ୍ୟ ସହଯୋଗ ମିଳନ୍ତା ତେବେ ଆହୁରି ଚାଷରେ ଉନ୍ନତି କରିପାରନ୍ତି ବୋଲି ସେ କହିଛନ୍ତି।



# ବେଆଇନ ଭାବେ ଚାଲିଛି ଔଷଧ ଦୋକାନ

- ବିନା ପ୍ରେସକ୍ରିପ୍‌ଶନରେ ଦେଉଛନ୍ତି ଔଷଧ
- ଔଷଧର ମନଇଚ୍ଛା ଦର

ନିରାକାରପୁର,୧୮(ଡି.ଏନ୍.ଏ.)

ବର୍ଷା ଋତୁ ଚାଲିବା ସହ ପାଗ ବଦଳୁଥିବାରୁ ଗାଁ ଗହଳି ଓ ପୁରପଲ୍ଲୀରେ ଥଣ୍ଡା, କାଶ, ଜ୍ୱର ଲାଗି ରହିଛି। ଏହାଯୋଗୁ ଔଷଧ ନେବା ପାଇଁ ଔଷଧ ଦୋକାନ ଆଗରେ ରୋଗୀଙ୍କ ଭିଡ଼ ଜମୁଛି। ଏଭଳି ସମୟରେ ଔଷଧ ଦୋକାନୀମାନେ ରୋଗୀମାନଙ୍କୁ ମନଇଚ୍ଛା ଔଷଧ, ବିନା ପ୍ରେସକ୍ରିପ୍‌ଶନରେ ଔଷଧ ପ୍ରଦାନ କରୁଥିବା ଦେଖିବାକୁ ମିଳୁଛି। ଫଳରେ ରୋଗୀମାନେ ଭଲ ହେବା ବଦଳରେ ଦିନକୁ ଦିନ ଅସୁସ୍ଥ ହେବାରେ ଲାଗିଛନ୍ତି। ଏଭଳି ବେଆଇନ ଔଷଧ ଦୋକାନ ବିଶେଷ କରି ଖୋର୍ଦ୍ଧା ଜିଲା ନିରାକାରପୁର ଏବଂ ଏହାର ଆଖପାଖ ଅଞ୍ଚଳରେ ଥିବା ଦେଖିବାକୁ ମିଳିଛି। ଅଧିକାଂଶ ଔଷଧ ଦୋକାନୀମାନେ ରୋଗୀଙ୍କ ଭିଡ଼ ନଜରରେ ରଖି ନିଜ ଇଚ୍ଛା ଅନୁଯାୟୀ ଔଷଧ ପ୍ରଦାନ କରୁଥିବା ଅଭିଯୋଗ ହୋଇଛି। ଏପରିକି ବେଳେ ବେଳେ ରୋଗୀମାନେ ଔଷଧ କିଣୁଥିବାବେଳେ ଦୋକାନୀମାନେ ରସିଦ ମଧ୍ୟ ଦେଉନାହାନ୍ତି। ଏହି ଅଞ୍ଚଳରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ଔଷଧ ଦୋକାନ ଥିବାବେଳେ ସେଥିରୁ ପ୍ରାୟ ୪/୫ଟି ଦୋକାନୀଙ୍କର ଲାଇସେନ୍ସ, ପ୍ରମାଣପତ୍ର ନ ଥିଲେ ମଧ୍ୟ ଭଡାରେ ଆଣି ଦୋକାନ ଖୋଲିଛନ୍ତି। ଏହି ଅଣ ପ୍ରମାଣପତ୍ରଧାରୀ ଦୋକାନୀଙ୍କଠାରୁ ଜଣେ ଖବରଦାତାଙ୍କ ସ୍ତ୍ରୀ ଔଷଧ ସେବନ କରି ନିକଟରେ ମୃତ୍ୟୁ ମୁଖରୁ ବର୍ତ୍ତିଛନ୍ତି। ଏ ନେଇ ଦୋକାନୀକୁ ଅଭିଯୋଗ କରିବା ପରେ ଦୋକାନୀ ମାଲିକ କ୍ଷମା ପ୍ରାର୍ଥନା ମାଗି ପୁଣି ଦୋକାନ ସୁରୁଖୁରୁରେ ଚଳାଇଛନ୍ତି । ଥଣ୍ଡା, କାଶ, ଜ୍ୱର ଔଷଧ ଯଦି ଆଜି ଗୋଟିଏ ଦର ପୁଣି ସେହି ଔଷଧ କାଲିକି ଆଉ ଗୋଟିଏ ଦର ନେଉଛନ୍ତି। ଯଦି ମନିରସିଦ ମିଳନ୍ତା ତେବେ ଏଭଳି ମନଇଚ୍ଛା ମୂଲ୍ୟ ହୁଅନ୍ତା ନାହିଁ ବୋଲି ଅଭିଯୋଗ ହେଉଛି। ଏଭଳି ସମୟରେ ଏହାର ସୁଯୋଗ ନେଇ ଏବେ ଗାଁ ଗାଁରେ କ୍ୱାକ୍ ଭର୍ତ୍ତି ହୋଇ ସାରିଛନ୍ତି। ଏହି କ୍ୱାକ ଟିମ୍ ରୋଗୀଙ୍କ ପାଖକୁ ଯାଇ ଦେଇ ଆସନ୍ତି। ଜଣେ ରୋଗୀଙ୍କ ପ୍ରତି ୪୦୦ରୁ ୫୦୦ ଟଙ୍କା ଫିସ୍ ନେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ନିକଟରେ ଖୋର୍ଦ୍ଧା ସହରରେ ଗୋଟିଏ ଔଷଧ ଦୋକାନୀକୁ ବେଆଇନ ଘୋଷଣା କରି ଡ୍ରଗ୍ସ ଇନ୍ସପେକ୍ଟର ସିଲ କରିଥିବା ବେଳେ ନିରାକାରପୁର ଅଞ୍ଚଳରେ ଏଭଳି ଧରପଗଡ଼ ହେଉ ନଥିବାରୁ ଏହି ସବୁ ବେଆଇନ ବେପାର ବଢିବାରେ ଲାଗିଛି। ଏଥିସହ ବିନା ଡାକ୍ତରଙ୍କ ପରାମର୍ଶରେ ସ୍ଥାନୀୟ ଅଞ୍ଚଳର ଗୋଟିଏ ଦୋକାନୀ ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ୨ ଯୁବକଙ୍କୁ ଏକ ଔଷଧ ଦେଇଥିଲେ। ହେଲେ ପରବର୍ତ୍ତୀ ମୁହୂର୍ତ୍ତରେ ସେମାନଙ୍କ ଅବସ୍ଥା ସଂକଟାପନ୍ନ ଅବସ୍ଥାରେ ରହିଥିଲା। ସେଥିରୁ ରଞ୍ଜନ କୁମାର ମହାପାତ୍ର କୁହନ୍ତି, ମୋ ସହ ମୋର ଜଣେ ସାଙ୍ଗ ମୋଟା ହେବା ପାଇଁ ସ୍ଥାନୀୟ ଅଞ୍ଚଳର ଗୋଟିଏ ମେଡିସିନ ଦୋକାନରୁ ଔଷଧ ଆଣି ଖାଇଥିଲୁ। ମାତ୍ର ୧୫ଦିନ ଖାଇବା ପରେ ନିୟମିତ ନାଳ ଝାଡା ହେବା ସହ ବିଭିନ୍ନ ରୋଗ ହୋଇଥିଲା। ପରେ ବାହାରେ ଚିକିତ୍ସା କରାଇବାରୁ ଏବେ ସୁସ୍ଥ ଅଛୁ ବୋଲି କହିଛନ୍ତି। ଏ ନେଇ ଖୋର୍ଦ୍ଧା ଡ୍ରଗ୍ସ ଇନ୍ସପେକ୍ଟର ତୁଷାରକାନ୍ତ ପାଣିଗ୍ରାହୀ କହିଛନ୍ତି, ଦୁଇ ବର୍ଷ ଭିତରେ ନିରାକାରପୁର ଅଞ୍ଚଳରେ ଚେକିଂ ପାଇଁ ୨ଥର ଯାଇଛି। ବିଭିନ୍ନ ଅଭିଯୋଗ ପାଇବା ପରେ କେତୋଟି ଔଷଧ ଦୋକାନୀଙ୍କୁ କାରଣ ଦର୍ଶାଅ ନୋଟିସ କରି ଉପର ଅଧିକାରୀଙ୍କୁ ଜଣାଇଛି। କିନ୍ତୁ ଉପର ଅଧିକାରୀମାନେ ଏଯାବତ କୌଣସି ନିର୍ଦ୍ଦେଶ ଦେଇ ନ ଥିବା ସେ କହିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଅନୱ୍ୱର



@ ନିଶାଙ୍କ



@ ସମ୍ବିତ୍



@ ବାଦଲ



@ ସରୋଜ



@ ହାଇଦର

# ଯୁବ ରେଡ୍‌କ୍ରସ୍ କାର୍ଯ୍ୟକାରିଣୀ ବୈଠକ

ଖୋର୍ଦ୍ଧା ଅଫିସ, ୧୮

ଯୁବ ରେଡକ୍ରସର ଖୋର୍ଦ୍ଧା ଜିଲାସ୍ତରୀୟ କମିଟି କାର୍ଯ୍ୟକାରିଣୀ ବୈଠକ ବୁଧବାର ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟର ମୈତ୍ରୀ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧକ୍ଷା ଡ. ରଞ୍ଜିତା ସେଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଜ୍ୟ ଯୁବ ରେଡକ୍ରସ୍ ଅଧିକାରୀ ଡ. ଅଜୟ କୁମାର ତ୍ରିପାଠୀ ଯୋଗଦେଇ ରେଡ୍‌କ୍ରସର ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡ. ବର୍ଷା ପଣ୍ଡା ଯୋଗଦେଇ ରକ୍ତଦାନର ଆବଶ୍ୟକତା ସମ୍ପର୍କରେ କହିଥିଲେ। ରକ୍ତଦାନ ଶିବିର ଆୟୋଜନ ଉପରେ ଗୁରୁତ୍ୱ ଦେଇଥିଲେ। ପୂର୍ବତନ ଜିଲା ସଂଯୋଜକ ଲକ୍ଷ୍ମୀପ୍ରସାଦ ମିଶ୍ର ଯୁବବର୍ଗ ସେବା କାର୍ଯ୍ୟ ଲାଗି ଆଗେଇ ଆସିବାକୁ ପରାମର୍ଶ ଦେଇଥିଲେ। ଜିଲା ସଂଯୋଜକ ରଞ୍ଜନ କୁମାର ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜିଲା ଆବାହକ ଡ. ଅନିଲ କୁମାର ରାୟ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ଡ. ସୁବୋଧ କୁମାର ଜଗଦ୍ଦେବ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ବୈଠକରେ ଜିଲାର ୬୧ଟି କଲେଜର ଅଧକ୍ଷ ଏବଂ ଯୁବ ରେଡକ୍ରସ ପରାମର୍ଶଦାତା ଯୋଗଦେଇଥିଲେ।




ବୈଠକରେ ଯୋଗଦେଇଥିବା ଅତିଥିମାନେ।

## ଇପିଏଫ୍ ଟଙ୍କା ପାଉ ନ ଥିବା କର୍ମଚାରୀଙ୍କ ଅଭିଯୋଗ

**ପୁରୀ ଅଫିସ:** ସୁରଜମଲ୍ଲ ଶାହା ବିଦ୍ୟାଳୟର କର୍ମଚାରୀମାନେ ଇପିଏଫ୍ ଟଙ୍କା ପାଉ ନ ଥିବା ଅଭିଯୋଗ ଆଣି ବୁଧବାର ମହାବିଦ୍ୟାଳୟ ପ୍ରାଙ୍ଗଣରେ ଶାନ୍ତିପୂର୍ଣ୍ଣ ଧର୍ମଘଟ କରିଥିଲେ। କର୍ମଚାରୀ ଅଜିତ୍ କୁମାର ଦଳାଇଙ୍କ ଅଭିଯୋଗ ଅନୁଯାୟୀ, ଦୀର୍ଘକାଳ ଚାକିରୀ କରିବା ପରେ ମଧ ଏପର୍ଯ୍ୟନ୍ତ କର୍ମଚାରୀଙ୍କ ଇପିଏଫ ସମ୍ପର୍କୀୟ ଆକାଉଣ୍ଟ ନିୟମିତ କରାଯାଉ ନାହିଁ। ଅନେକ ଥର ଦାବି ଉପସ୍ଥାପନ ସତ୍ତ୍ୱେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନାହାନ୍ତି। ଏଥିଯୋଗୁ ଇପିଏଫ ହିତାଧିକାରୀଙ୍କ ଭବିଷ୍ୟତ ଅନ୍ଧକାର ମଧକୁ ଚାଲିଯାଉଛି। ତେଣୁ କର୍ମଚାରୀମାନେ ଆନ୍ଦୋଳନକୁ ଓହ୍ଲାଇଥିବା ସେ କହିଛନ୍ତି। ଦାବିପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।




୧୦।୯।୨୦୨୧

| | |
|---|---|
| ୨,୯୩,୧୮୫ ଟଙ୍କା | |
| ସୁନା | ୮.୬୭୦ ଗ୍ରାମ |
| ରୁପା | ୨.୫୦୦ ଗ୍ରାମ |

### ଆଜି କ'ଣ କେଉଁଠି

**ପୁରୀ**

- ଜନମଙ୍ଗଳ ବସ୍ତି ବିକାଶ ସମିତି ପକ୍ଷରୁ ଖବରଦାତା ସମ୍ମିଳନୀ, ବଳିଆପଣ୍ଡା ସମିତି ଘର, ପୂର୍ବାହ୍ନ ୧୧ଟା।

# 'ଏଣିକି ଶନି, ରବିବାରରେ ଦର୍ଶନ ଅନୁମତି ମିଳୁ'

- ଶ୍ରଦ୍ଧାଳୁଙ୍କ ଦାବିକୁ ସେବାୟତଙ୍କ ପରୋକ୍ଷ ସମର୍ଥନ
- ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ: ଶ୍ରୀମନ୍ଦିର ପ୍ରଶାସନ

ପୁରୀ ଅଫିସ, ୧୯

ରାଜ୍ୟରେ ସପ୍ତାହାନ୍ତ ଶଟଡାଉନ୍ ଉଠିଯାଇଥିବାରୁ ଏଣିକି ପ୍ରତ୍ୟେକ ଶନିବାର ଓ ରବିବାର ଶ୍ରୀମନ୍ଦିରରେ ଭକ୍ତଙ୍କୁ ଦର୍ଶନ ଅନୁମତି ଦେବାକୁ ସାଧାରଣରେ ଦାବି ହେଉଛି। ରାଜ୍ୟରେ ଶଟଡାଉନ୍‌କୁ ସରକାର ହଟାଇ ଦେଇଥିବାରୁ ଆଉ ଶ୍ରୀମନ୍ଦିରରେ ଶନିବାର ଓ ରବିବାର ଦର୍ଶନ ବନ୍ଦ କଟକଣା ରହିବାର ଯଥାର୍ଥତା ନାହିଁ ବୋଲି ବରିଷ୍ଠ ଦଇତାପତି ସେବାୟତ ବିନାୟକ ଦାସମହାପାତ୍ର କହିଛନ୍ତି। ସେ କହିଛନ୍ତି, ଲୋକେ ସାଧାରଣତଃ ଛୁଟିଦିନ ସମେତ ଶନିବାର ଓ ରବିବାରରେ ପୁରୀ ବୁଲି ଆସିଥାନ୍ତି। ମାତ୍ର ଏବେ ଶନିବାର ଓ ରବିବାରରେ ଶ୍ରୀମନ୍ଦିର ବନ୍ଦ ରହୁଥିବାରୁ ଯାତ୍ରୀମାନେ ମହାପ୍ରଭୁଙ୍କୁ ଦର୍ଶନ କରିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଶ୍ରୀମନ୍ଦିର ପ୍ରଶାସନ ତୁରନ୍ତ ଶନିବାର ଓ ରବିବାର ଶ୍ରୀମନ୍ଦିର ଖୋଲିବା ସମ୍ପର୍କରେ ନିଷ୍ପତ୍ତି ନେବା ଦରକାର। ସେହିପରି ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପଢ଼ିହାରୀ ଶ୍ରୀମନ୍ଦିର ପରିସରରେ ମହାପ୍ରସାଦ ସେବନ ପାଇଁ ଅନୁମତି ଦାବି କରିଛନ୍ତି। ସେ କହିଛନ୍ତି, ଶ୍ରଦ୍ଧାଳୁମାନେ ମହାପ୍ରସାଦ ସେବନ ପାଇଁ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ଆନନ୍ଦବଜାରରେ ଏହି ବ୍ୟବସ୍ଥା କରିବା ଦରକାର। ଅନ୍ୟ ପକ୍ଷରେ କୋଭିଡ୍ କଟକଣାକୁ ମାନି ଲୋକେ ଶନିବାର ଓ ରବିବାର ମଧ ଶ୍ରୀମନ୍ଦିରରେ ଦର୍ଶନ କରିବାର ଆବଶ୍ୟକତା ରହିଥିବା ପୁରୀ ସହରବାସୀ ମତ ରଖିଛନ୍ତି। ପୁରୀ ଜିଲାରେ କରୋନା ସଂକ୍ରମଣ ଏବେ କାବୁରେ ରହିଛି। ଶ୍ରୀମନ୍ଦିର ଓ ବେଳାଭୂମିକୁ ସର୍ବସାଧାରଣ ପ୍ରବେଶ ଅନୁମତି ମିଳିବା ପରେ ଏଠାକୁ ରାଜ୍ୟ ଓ ରାଜ୍ୟ ବାହାରୁ ଲୋକ ଆସୁଛନ୍ତି। ତଥାପି ଜିଲାରେ ସଂକ୍ରମଣ ଏବେ ସର୍ବନିମ୍ନ ସ୍ତରରେ ରହିଛି। ପୁରୀ ଜିଲାରେ ସେପ୍ଟେମ୍ବର ୧ରେ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ସୂଚନା ମିଳିଛି। ଏଥିମଧ୍ୟରେ ପୁରୀ ସଦରରୁ ସର୍ବାଧିକ ୩ ଜଣ ରହିଥିବାବେଳେ ଅଧିକାଂଶ ବ୍ଲକ୍‌ରେ ଜଣେ ଲେଖାଏ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଜିଲାକୁ ଦୈନିକ କୋଭିଡ୍ ଟେଷ୍ଟିଂ ପାଇଁ ୨ ହଜାର କିଟ୍ ଯୋଗାଇ ଦିଆଯାଉଥିବାରୁ ୨ ହଜାର ଲୋକଙ୍କ ଟେଷ୍ଟିଂ ହେଉଛି। ଜିଲାରେ ୫୬ ପ୍ରତିଶତ ବ୍ୟକ୍ତିଙ୍କୁ ପ୍ରଥମ ଡୋଜ୍ ଓ ୨୫ ପ୍ରତିଶତ ଲୋକଙ୍କୁ ୨ ଡୋଜ୍ ଟିକାକରଣ କରାଯାଇଛି ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ମାତ୍ର ୨୫ ପ୍ରତିଶତ ଲୋକଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆଯାଇଥିବାରୁ ବର୍ତ୍ତମାନ ସ୍ଥିତିରେ ଶନିବାର ଓ ରବିବାର ଶ୍ରୀମନ୍ଦିରରେ ଦର୍ଶନ ଅନୁମତି ଦିଆଗଲେ ସଂକ୍ରମଣର ଆଶଙ୍କା ରହୁଛି। ତେବେ ଏ ସମ୍ପର୍କରେ ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି, ଗତ ମାସରେ ପ୍ରକାଶିତ ସରକାରଙ୍କ ଗାଇଡଲାଇନ୍ ଅନୁଯାୟୀ ଶ୍ରୀମନ୍ଦର ଦର୍ଶନ ବ୍ୟବସ୍ଥା କାର୍ଯ୍ୟକାରୀ ହେଉଛି। ଆସନ୍ତା ଦିନରେ ସ୍ଥିତି ଦେଖି ନିଷ୍ପତ୍ତି ନିଆଯିବ।



ନନ୍ଦ ଉତ୍ସବ ନୀତି ପାଇଁ ନନ୍ଦ ମହାରାଜ ମଙ୍ଗଳବାର ରାତିରେ ଶ୍ରୀମନ୍ଦିରକୁ ବିଜେ କରୁଛନ୍ତି।

## ଗୋପ ସ୍ୱାସ୍ଥ୍ୟକେନ୍ଦ୍ରକୁ ମିଳିଲା ଅକ୍ସିଜେନ କନସେନ୍‌ଟ୍ରେଟର

**ଗୋପ,୧୯(ଡି.ଏନ୍.ଏ.):** କରୋନା ସମୟରେ ଅମ୍ଳଜାନ ଅଭାବ ସମସ୍ୟାର ଅନ୍ତ ଘଟାଇବା ଲାଗି ସ୍ୱେଚ୍ଛାସେବୀ ଅନୁଷ୍ଠାନ ୟଙ୍ଗ ଇଣ୍ଡିଆ ଓ ରେଡିଓ ନମସ୍କାର ମିଳିତ ସହଯୋଗରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବୁଧବାର ୨ଟି ଅକ୍ସିଜେନ କନସେନ୍‌ଟ୍ରେଟର୍ ପ୍ରଦାନ କରିଛନ୍ତି। ରୋଗୀଙ୍କ ଉଦ୍ଦେଶ୍ୟରେ ଏହା ମିଳିଥିବା ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଜସ୍ମିନ ଆମ୍ବ୍ରୋଜ ସୂଚନା ଦେଇଛନ୍ତି। ଏହି କନସେନ୍‌ଟ୍ରେଟର ଅମ୍ଳଜାନ ଅଭାବକୁ ଦୂର କରିବା ସହିତ ରୋଗୀମାନଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେବ ବୋଲି ଦେବବ୍ରତ ପାତ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଡା. ସରିତା ମିଶ୍ର, ପ୍ରକୃତି ବନ୍ଧୁ ପ୍ରକାଶ ଚନ୍ଦ୍ର ଖଟୋଇ, ସମ୍ପଦ ପ୍ରଧାନ, ରାଜେଶ ପାଇକରାୟ, ରୋଜାଲିନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ୫୧ ୟୁନିଟ୍ ରକ୍ତ ସଂଗ୍ରହ

**କୋଣାର୍କ,୧୯(ଡି.ଏନ୍.ଏ.):** ସ୍ୱାଧୀନତାର ୭୫ବର୍ଷର ପୂର୍ତ୍ତି ଓ ଅମୃତ ମହୋତ୍ସବ ଅବସରରେ କୋଣାର୍କସ୍ଥିତ ଶ୍ରୀ ସାଇ ସେବା ସମିତି ଓ କୋଣାର୍କ ଭଗବତୀ ମହାବିଦ୍ୟାଳୟର ୟୁଥ୍ ରେଡ୍‌କ୍ରସ ପକ୍ଷରୁ ଏକ ରକ୍ତଦାନ ଶିବିର କଲେଜ ପରିସରରେ ଅନୁଷ୍ଠିତ ହୋଇଛି। ଏହି ଶିବିରକୁ ଅର୍ଥନୀତିଜ୍ଞ ରଶ୍ମି ରଞ୍ଜନ ବିଶ୍ୱାଳ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ସୁରେନ୍ଦ୍ର ସେଠୀ, ସତ୍ୟ ସାଇ ଯୋଗ ଶିବିର ସଭାପତି ପ୍ରାଧ୍ୟାପକ ଶରତ ଚନ୍ଦ୍ର ପ୍ରଧାନ,ଆୟୁଷ ଡାକ୍ତର ବିଧୁଭୂଷଣ ନାୟକ, କଲେଜର ଅଧକ୍ଷ ବିଷ୍ଣୁଚରଣ ମିଶ୍ର, ବାମଦେବ ଆଲୁକ, ସତ୍ୟ ନାରାୟଣ ପଟ୍ଟନାୟକ, ପ୍ରଫୁଲ୍ଲ ପାତ୍ର, ବିନୟ ଭୂଷଣ ମହାନ୍ତି, ଅଧାପକ ଅରବିନ୍ଦ ସାହୁ, ଜିଲା ରେଡ୍‌କ୍ରସ ଅଧିକାରୀ ରବୀନ୍ଦ୍ର ସାହୁ, କମଲ ଲୋଚନ ଦାଶ, ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇ ରକ୍ତ ଦେବା ସହ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ୫୧ୟୁନିଟ ରକ୍ତ ନମୁନା ସଂଗ୍ରହ ହୋଇଥିଲା। ପୁରୀ ଜିଲାର ବ୍ଲଡ଼ ବ୍ୟାଙ୍କ ୟୁନିଟର ଡା. ଦୀପକ ସାହୁଙ୍କ ନେତୃତ୍ୱରେ ଏହା ହୋଇଥିଲା। କାର୍ଯ୍ୟକ୍ରମରେ ନେହେରୁ ଯୁବକେନ୍ଦ୍ର ପୁରୀ, କୋଣାର୍କ ପରିବାର, କୋଣାର୍କ ସେବା ସଂଗଠନ, ସତ୍ୟ ସାଇ ଯୋଗ କେନ୍ଦ୍ର ପ୍ରମୁଖ ସହଯୋଗ କରିଥିଲେ।




ନିମାପଡ଼ା ତହସିଲ ଅଫିସ ସମ୍ମୁଖରେ ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ଅଖିଳ ଭାରତ କୃଷକ ସଭା ପକ୍ଷରୁ ବିକ୍ଷୋଭ

ପୁରୀ ଅଫିସ/ନିମାପଡ଼ା, ୧୯(ଡି.ଏନ୍.ଏ.)

ଅଖିଳ ଭାରତ କୃଷକ ସଭା ନିମାପଡ଼ା ଶାଖା କମିଟି ପକ୍ଷରୁ ୩ ଦଫା ଦାବି ନେଇ ପ୍ରାୟ ୫୦ଜଣ କୃଷକ ବୁଧବାର ସ୍ଥାନୀୟ ତହସିଲ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ନାରାବାଜି ଦେଇଥିଲେ। ପେଟ୍ରୋଲ, ଡିଜେଲ, ଇନ୍ଧନ ଗ୍ୟାସର ଦର ବୃଦ୍ଧିକୁ ବନ୍ଦ କରିବା, ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଦରବୃଦ୍ଧିକୁ ବନ୍ଦ କରିବା, ୩ କୃଷି ଆଇନକୁ ରଦ୍ଦ କରିବା ଦାବି ନେଇ ବୁଧବାର କୃଷକ ଦାବି ଦିବସ ଅବସରରେ ଏହି ଆନ୍ଦୋଳନ ହୋଇଥିଲା। ଆନ୍ଦୋଳନ ସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଅତିଥି ଭାବେ କୃଷକ ସଭା ରାଜ୍ୟ ଓ ଜିଲା କମିଟିର କୃଷକ ନେତା ଦେବେନ୍ଦ୍ର ସାହୁ, କୃଷ୍ଣଚନ୍ଦ୍ର ରାଉତ, ସନାତନ ପାତ୍ର, ସନ୍ତୋଷ ବେହେରା, ଶଙ୍କର ପରିଡ଼ା, ରବୀନ୍ଦ୍ର ପ୍ରଧାନ, ଦଣ୍ଡପାଣି ସାହୁ ପ୍ରମୁଖ ଯୋଗଦେଇ କେନ୍ଦ୍ର ସରକାରଙ୍କ କୃଷକ ଓ ଜନମାରଣ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଏହି ଅବସରରେ କୃଷକ ସଭା ପକ୍ଷରୁ ଏକ ୩ଦଫା ସମ୍ବଳିତ ସ୍ମାରକପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ତହସିଲଦାର ରାମଚନ୍ଦ୍ର ଜେନାଙ୍କୁ ପ୍ରଦାନ କରାଯାଇଥିଲା। ସେହିପରି ଅଖିଳ ଭାରତ କୃଷକ ସଭା ଓଡ଼ିଆ ସଙ୍ଗଠନ ଓ ନାରିକେଳ ଉନ୍ନୟନ ମହାସଂଘ ପକ୍ଷରୁ ଚାଷୀଙ୍କ ସମସ୍ୟା ନେଇ ବୁଧବାର ପୁରୀ କଚେରୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚାଷୀଙ୍କୁ ସରକାରୀ ସହାୟତା ଦେବାକୁ ଦାବି କରାଯାଇଛି। ବିକ୍ଷୋଭରେ ଶ୍ରମିକ ନେତା ଜଗନ୍ନାଥ ଦେଓ, ବାମପନ୍ଥୀ ନେତା ଜଗନ୍ନାଥ ଦେଓ, ପ୍ରତାପ ଚିନ୍ନରା, ପ୍ରଦୀପ ମହାନ୍ତି, କୁମର ବେହେରା, ଟୁନା ନାୟକ ପ୍ରମୁଖ ସାମିଲ ଥିଲେ।

## ୨ କ୍ୟାନ୍‌ସର ପୀଡ଼ିତା ବୃଦ୍ଧାଙ୍କୁ ସହାୟତା

ଡେଲାଙ୍ଗ,୧୯(ଡି.ଏନ୍.ଏ.)

ପୁରୀ ଜିଲାପାଳ ସମର୍ଥ ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ଡେଲାଙ୍ଗ ବେନୁପଡା ଓ ମୋହନପୁର ଗ୍ରାମର ୨ ଜଣ କ୍ୟାନ୍‌ସର ପୀଡ଼ିତା ବୃଦ୍ଧାଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି। ବେନୁପଡା ଗ୍ରାମର ଲବଙ୍ଗଲତା ପ୍ରଧାନ(୫୫) ଓ ମୋହନପୁର ଗ୍ରାମର ଶୈଳବାଳ ପରିଡା (୭୨) ଅନେକ ଦିନ ଧରି କ୍ୟାନସରରେ ପୀଡ଼ିତ ଥିଲେ। ସେମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ସରକାରୀ ସହାୟତା ପାଇଁ ଗୁହାରି କରିଥିଲେ। ଏହି ଘଟଣାରେ ଜିଲାପାଳଙ୍କ ଜାଣିବା ପରେ ନିର୍ଦ୍ଦେଶକ୍ରମେ ବୁଧବାର ମଧ୍ୟାହ୍ନରେ ଡେଲାଙ୍ଗ ତହସିଲଦାର ମହେନ୍ଦ୍ର ବଡେଇ, ବ୍ଲକ ଉନ୍ନୟନ ଅଧିକାରୀ ଦିଲୀପ କୁମାର ଷଡଙ୍ଗୀ ଓ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଉଭୟ ପୀଡିତାଙ୍କ ବାସଭବନରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରିଛନ୍ତି।

## ସ୍ୱଚ୍ଛତା ପାଇଁ ଛାତ୍ରୀଛାତ୍ରଙ୍କ ଶପଥ

ନିମାପଡ଼ା,୧୯(ଡି.ଏନ୍.ଏ.)

ନିମାପଡ଼ା ଜୁନିୟର କଲେଜ ପକ୍ଷରୁ ଉଚ୍ଚ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ୍ରମେ ବୁଧବାର କଲେଜ ପରିସରରେ ସ୍ୱଚ୍ଛତା ପକ୍ଷ ପାଳିତ ହୋଇଯାଇଛି। ଏହି ସ୍ୱଚ୍ଛତା ପକ୍ଷ ୧୫ଦିନ ଧରି ଚାଲିବ ଓ ବିଭିନ୍ନ ଦିବସରେ ବହୁ ସ୍ୱଚ୍ଛତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅବସରରେ ଆୟୋଜିତ ସମାରୋହରେ ଅତିଥି ଭାବେ କଲେଜ ଅଧକ୍ଷ ରମାକାନ୍ତ ଦାଶ, ଅଧାପକ ଡ. ଅମିତାଭ ଦାଶ, କୃଷ୍ଣଚନ୍ଦ୍ର ସାବୁତ, ମାନସ ରଞ୍ଜନ ସ୍ୱାଇଁ, ପୁଷ୍ପିତା ରାଜଗୁରୁ, ପ୍ରଫେସର ଲକ୍ଷ୍ମୀଧର ପଣ୍ଡା, ପ୍ରାଧ୍ୟାପକ ଡ.ରବୀନ୍ଦ୍ରନାଥ ପାଢ଼ୀ ପ୍ରମୁଖ ଯୋଗଦେଇ ସ୍ୱଚ୍ଛତା ପକ୍ଷର ତାତ୍ପର୍ଯ୍ୟ, ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ରକ୍ଷା, ପରିବେଶ ସୁରକ୍ଷା ଦିଗରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ସ୍ୱଚ୍ଛତା ପାଠ କରାଯାଇ କଲେଜର ଯୁକ୍ତ ୨ ବିଭାଗର ୧୫୦ଛାତ୍ରୀଛାତ୍ର ସ୍ୱଚ୍ଛତା ସମ୍ପର୍କରେ ଶପଥ ଗ୍ରହଣ କରିଥିଲେ। ଏହି ସମାରୋହରେ କଲେଜର ବହୁ ଅଧାପକ, ଅଧାପିକା, ଛାତ୍ରୀଛାତ୍ର, କର୍ମଚାରୀମାନେ ଯୋଗଦେଇଥିଲେ।

## ସପ୍ତାହାନ୍ତ ୨ ଦିନ ବନ୍ଦ ରହିବ ଶ୍ରୀମନ୍ଦିର

ପୁରୀ ଅଫିସ,୧୯

ପୁରୀ ଜିଲାର ସମସ୍ତ ଧାର୍ମିକ ଅନୁଷ୍ଠାନରେ ସବୁଦିନ ସର୍ବସାଧାରଣ ଦର୍ଶନ ହେବ। କେବଳ ଶ୍ରୀମନ୍ଦିରରେ ସପ୍ତାହାନ୍ତ ଦୁଇଦିନ ଦର୍ଶନ ବନ୍ଦ ରହିବ ବୋଲି ଜିଲା ପ୍ରଶାସନ ନୂଆ ଗାଇଡଲାଇନ୍‌ରେ ସ୍ପଷ୍ଟ କରିଛି। ମହାପ୍ରସାଦସେବନମଧଆନନ୍ଦବଜାରରେ ହୋଇପାରିବ ନାହିଁ। ରାଜ୍ୟ ସରକାରଙ୍କ ସେପ୍ଟେମ୍ବର ଗାଇଡ୍ ଲାଇନ୍ ଆସିବା ପରେ ବୁଧବାର ପୁରୀ ଜିଲା ପାଇଁ ପ୍ରଶାସନ କୋଭିଡ୍ କଟକଣାଜନିତ ଗାଇଡଲାଇନ୍ ଜାରି କରିଛି। ରାଜ୍ୟ ସରକାରଙ୍କ ସମସ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିବା ନେଇ ଜିଲା ପ୍ରଶାସନ ଗାଇଡ୍‌ଲାଇନ୍‌ରେ ଉଲ୍ଲେଖ ରହିଛି। ରାତି ୧୦ଟା ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରହିବ। ରାତ୍ର ୧୦ରୁ ଭୋର ୫ଟା ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଲାଗିବ। ସହରରେ ସପ୍ତାହାନ୍ତ ଶଟ୍‌ଡାଉନ୍ ଲାଗୁ ହେବନାହିଁ। ବ୍ୟବସାୟିକ ଅନୁଷ୍ଠାନ ଓ ଗ୍ରାହକମାନେ କୋଭିଡ୍ କଟକଣାକୁ ଧ୍ୟାନ ଦେବେ। ନଚେତ୍ ପ୍ରଶାସନ ବିପର୍ଯ୍ୟୟ ପ୍ରଶମନ ଆଇନ– ୨୦୦୫ ଆଧାରରେ ଦଣ୍ଡିତ କରାଯିବ। ଧାର୍ମିକ, ସାମାଜିକ ଓ ରାଜନୈତିକ କାର୍ଯ୍ୟକ୍ରମ ପାଇଁ କର୍ମୀମାନେ ଏକାଠି ହୋଇପାରିବେ ନାହିଁ। ସେହିଭଳି ୨୫୦ ଲୋକଙ୍କ ଉପସ୍ଥିତିରେ ବିବାହ, ବ୍ରତ ଇତ୍ୟାଦି କରାଯିବ। ବରଯାତ୍ରୀରେ ସର୍ବାଧିକ ୫୦ ଜଣ ଲୋକ ସାମିଲ ହୋଇପାରିବେ ବୋଲି ଜିଲାପାଳ ସମର୍ଥ ବର୍ମା ସ୍ପଷ୍ଟ କରିଛନ୍ତି। ନୂଆ ଗାଇଡଲାଇନ୍‌କୁ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଜିଲା, ବ୍ଲକ୍ ଓ ପଞ୍ଚାୟତସ୍ତରରେ ଥିବା ସରକାରୀ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ୨ ପୋଲିସ ଅଧିକାରୀଙ୍କୁ ମିଳିବ ମେଡାଲ୍ ଅଫ୍ ଏକ୍ସିଲେନ୍ସ

ପୁରୀ ଅଫିସ,୧୯

ଅନୁସନ୍ଧାନ କ୍ଷେତ୍ରରେ ଭଲ ପ୍ରଦର୍ଶନ କରିଥିବା ପୋଲିସ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ ପକ୍ଷରୁ ୫-ଟି ବିଭାଗ ଅଧୀନରେ ମେଡାଲ୍ ଅଫ୍ ଏକ୍ସିଲେନ୍ସ ପ୍ରଦାନ କରାଯିବ। ଏନେଇ ପ୍ରକାଶିତ ତାଲିକାରେ ୨୭ଜଣଙ୍କ ମଧ୍ୟରେ ପୁରୀର ୨ଜଣ ପୋଲିସ ଅଧିକାରୀଙ୍କ ନାମ ରହିଛି। ସେମାନେ ହେଲେ ପୁରୀ ସମୁଦ୍ରକୂଳ ଥାନାର ଆଇଆଇସି ଚିନ୍ମୟ ରାଉତ ଓ ଚନ୍ଦନପୁର ଥାନା ଆଇଆଇସି ରବୀନ୍ଦ୍ରନାଥ ସେଠୀ। ଜଗତ୍‌ସିଂହପୁର ଜିଲାରେ ରାଉତ କାର୍ଯ୍ୟ କରୁଥିବାବେଳେ ହତ୍ୟା, ଡକାୟତି ଓ ଯୌତୁକ ନିର୍ଯାତନା ମାମଲାରେ ଜଡ଼ିତ ବହୁ ଅଭିଯୁକ୍ତଙ୍କୁ ଧରିଥିଲେ। ସେହିପରି ରବୀନ୍ଦ୍ରନାଥ ସେଠୀ ଏବେ ଆଇଆଇସି ଭାବେ ଚନ୍ଦନପୁର ଥାନାରେ କାର୍ଯ୍ୟ କରୁଛନ୍ତି। ଉଭୟେ ସ୍ୱତନ୍ତ୍ର ଅନୁସନ୍ଧାନମୂଳକ ଦକ୍ଷତା ଆଧାରରେ ସଫଳତା ପାଇଥିବାରୁ ପୋଲିସ ବିଭାଗ ପକ୍ଷରୁ ତାଙ୍କ ନାମ ସୁପାରିସ କରାଯାଇଥିଲା। ଏ ସମ୍ପର୍କରେ ରାଉତ କହିଛନ୍ତି, ସୁଚାରୁ ରୂପେ କର୍ତ୍ତବ୍ୟ ସମ୍ପାଦନ କରିବା ମୋ' ଦାୟିତ୍ୱ। ମୁଁ କେବଳ ତାହା ହିଁ କରେ। କିଛି ଗୁରୁତ୍ୱପୂର୍ଣ୍ଣ ମାମଲାର ଅନୁସନ୍ଧାନ କରି ସନ୍ତୋଷଜନକ ଚାର୍ଜଶିଟ୍ ଦାଖଲ କରିଛି। ମୁଖ୍ୟମନ୍ତ୍ରୀ, ୫-ଟି ଓ ପୋଲିସ ବିଭାଗ ମୋ କାର୍ଯ୍ୟକୁ ପ୍ରଶଂସା କରିବା ମୋ' ପାଇଁ ଗର୍ବର ବିଷୟ।

## ଖୋଖୋକୁ ବିଶ୍ୱ ଦରବାରରେ ପହଞ୍ଚାଯିବ: ତ୍ୟାଗୀ

ପୁରୀ ଅଫିସ, ୧୯

ଅଲ୍ ଇଣ୍ଡିଆ ଖୋଖୋ ଫେଡେରେଶନର ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ ବୁଧବାର ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି। ତ୍ୟାଗୀ ଫେଡେରେଶନ୍‌ର କେତେଜଣ ସଦସ୍ୟଙ୍କ ସହ ଶ୍ରୀମନ୍ଦିରକୁ ଯାଇ ଦାରୁଦିଅଁଙ୍କ ସମେତ ଅନ୍ୟ ଦେବଦେବୀଙ୍କୁ ଦର୍ଶନ କରିଥିଲେ। କିଛି ସମୟ ଶ୍ରୀମନ୍ଦିର ଭିତରେ କଟାଇବା ପରେ ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିଥିଲେ। ତ୍ୟାଗୀ କହିଛନ୍ତି, ଖୋ ଖୋ ଖେଳକୁ ବିଶ୍ୱ ଦରବାରରେ ପହଞ୍ଚାଇବାକୁ ଚେଷ୍ଟା ଜାରି ରହିଛି। ଆଗାମୀ ଦିନରେ ହେବାକୁ ଥିବା ଜୁନିୟର ଜାତୀୟ ଖୋଖୋ ଏବଂ ଏସିଆନ ଗେମ୍ସରେ କିପରି ଖେଳାଳି ଉନ୍ନତମାନର ପ୍ରଦର୍ଶନ କରିବେ ସେ ନେଇ ସମସ୍ତ ପ୍ରସ୍ତୁତି କରାଯାଉଛି। ଓଡ଼ିଶାରେ ଖୋ ଖୋ ପ୍ରଦର୍ଶନ ଉଚ୍ଚକୋଟୀର ହେବାରେ ଲାଗିଛି। ଏହି ଅବସରରେ ପୁରୀ ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡ଼ିଶା ଖୋ ଖୋ ଆସୋସିଏଶନର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଏବଂ କୋଷାଧକ୍ଷ ଚୌଧୁରୀ ପାର୍ଥ ସାରଥି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶା ଖୋ ଖୋ ଆସୋସିଏଶନ ପକ୍ଷରୁ ତ୍ୟାଗୀଙ୍କୁ ମହାପ୍ରଭୁଙ୍କ ଫଟୋଚିତ୍ର ସହ ଶ୍ରୀଅଙ୍ଗ ଲାଗି ଖଣ୍ଡୁଆ, ପତିତପାବନ ବାନା ଏବଂ ମହାପ୍ରସାଦ ପ୍ରଦାନ କରାଯାଇଥିଲା।



ଅଲ୍ ଇଣ୍ଡିଆ ଖୋଖୋ ଫେଡେରେଶନ ସାଧାରଣ ସମ୍ପାଦକ ଏମ୍.ଏସ୍. ତ୍ୟାଗୀ ଏବଂ ଅନ୍ୟମାନେ।

## ସଫେଇ, ଚାରାରୋପଣ କଲେ ସ୍ୱେଚ୍ଛାସେବୀ

ସାକ୍ଷୀଗୋପାଳ, ୧୯(ସ୍ୱ.ପ୍ର.)

ଉତ୍କଳମଣି ଗୋପବନ୍ଧୁ ସ୍ମୃତି ମହାବିଦ୍ୟାଳୟ ପରିସରରେ ବୁଧବାର ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନା ପକ୍ଷରୁ ସ୍ୱଚ୍ଛ ଭାରତ ଓ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରତିକାନ୍ତ ପରିଡାଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶତାଧିକ ସ୍ୱେଚ୍ଛାସେବୀ ସାମିଲ ହୋଇ ଅନୁଷ୍ଠାନ ପରିସରକୁ ସଫା କରିବା ସହ ଚାରା ରୋପଣ କରିଥିଲେ। ସ୍ୱଚ୍ଛତା ଓ ସୁନ୍ଦର ପରିବେଶ ସୃଷ୍ଟି କରିବା ସମସ୍ତଙ୍କ କର୍ତ୍ତବ୍ୟ ହେବା ଆବଶ୍ୟକ ବୋଲି ଅଧକ୍ଷ କହିଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡ୍‌କ୍ରସ ଓ ଜାତୀୟ ସେବା ଯୋଜନାର ପଦାଧିକାରୀ ମନୋଜ ପରିଡ଼ା ଓ ଶଙ୍କର୍ଷଣ ପ୍ରଧାନ ପରିଚାଳନା କରିଥିଲେ। ବରିଷ୍ଠ ଅଧାପକ ନଳିନୀ ଲୋଚନ ଦାସ, ଚନ୍ଦ୍ରଶେଖର ତ୍ରିପାଠୀ, ରାଜକିଶୋର ପତି ପ୍ରମୁଖ ସହଯୋଗ କରିଥିଲେ।

## ଚୋରି ସାମଗ୍ରୀ ଜବତ, ୬ ଗିରଫ

ଡେଲାଙ୍ଗ,୧୯(ଡି.ଏନ୍.ଏ.)



ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ ଏବଂ ଜବତ ସାମଗ୍ରୀ।

ଡେଲାଙ୍ଗ ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଚୋରି କରିବା ଅଭିଯୋଗରେ ପୋଲିସ ୬ଜଣଙ୍କୁ ଗିରଫ କରିବାସହ ସେମାନଙ୍କ ଠାରୁ ଜିନିଷପତ୍ର ଜବତ କରିଛି। ସେମାନେ ହେଲେ ଡେଲାଙ୍ଗ କୋଠବାଡ ପଞ୍ଚାୟତର ରାମଚନ୍ଦ୍ରପୁର ଗ୍ରାମର ସଞ୍ଜୟ ବେହେରା, ବିଶ୍ୱଜିତ ବେହେରା, ସନ୍ତୋଷ ମଲ୍ଲିକ, ଆଜମତ୍ ଖାନ। ଚୋରି ସାମଗ୍ରୀ କିଣିବା ଅଭିଯୋଗରେ ଶଙ୍ଖପାଟ ଗ୍ରାମର ମିଥୁନ ସିଂହ ଓ ରାମଚନ୍ଦ୍ରପୁର ଗ୍ରାମର ଶିବ ପ୍ରସାଦ ସାମନ୍ତରାୟଙ୍କୁ ମଧ ପୋଲିସ ଗିରଫ କରିଛି। ସୂଚନା ଅନୁଯାୟୀ, ଗତ ୩୧ ତାରିଖ ରାତ୍ରରେ ଡେଲାଙ୍ଗ ହାଟ ଓ ରାମଚନ୍ଦ୍ରପୁର ଗ୍ରାମର ୪ ଜଣଙ୍କ ଘରୁ ଚୋରି ହୋଇଥିଲା। ଆଦିତ୍ୟନାରାୟଣ ସିଂହଙ୍କ ଘରୁ ଏଲ୍‌ଇଡି ଟିଭି, ଟାୱାର ଫ୍ୟାନ, ପାଣି ଉଠା ମୋଟର ଓ ଓଭାନ, ସେହିପରି ସନ୍ତୋଷ ଦାଶଙ୍କ ଷ୍ଟୋର ରୁମରୁ ଫ୍ରିଜ,ଗୁଣନିଧି ସାହୁଙ୍କ ଘରୁ ମୋଟର ଓ ଡେଲାଙ୍ଗ ମୁଖ୍ୟ ରାସ୍ତା ସଂଲଗ୍ନ ନରୋଟେକ୍ ପାୱାର ପ୍ରୋଜେକ୍ଟ କାର୍ଯ୍ୟାଳୟରୁ ୩ଟି ମୋବାଇଲ, ଟ୍ରାକ୍ଟର ବ୍ୟାଟେରି,୧୧କେଭିଆଙ୍ଗେଲ ୧୦ଟିଚୋରି ହୋଇଥିଲା। ଏ ନେଇ ଡେଲାଙ୍ଗ ଫାଣ୍ଡିରେ ଅଭିଯୋଗ ହୋଇଥିଲା। ଏ ନେଇ ପୋଲିସ ୧୯୩,୧୯୪,୧୯୫,୧୯୬/୨୧ରେ ପୃଥକ ଭାବେ ୪ଟି ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଓ ହାଟ ଡେଲାଙ୍ଗ ଫାଣ୍ଡି ଅଧିକାରୀ ଗଙ୍ଗାଧର ସାହୁଙ୍କ ନେତୃତ୍ୱରେ ୨ଟି ଟିମ ଗଠନ କରାଯାଇଥିଲା। ଚୋରି କରାଯାଇଥିବା ସମସ୍ତ ଘରର ତାଲାଗୁଡିକ ଏକ ପ୍ରକାରର ଆରି ପାତିଆରେ କଟାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଥିଲା। ଫଳରେ ଦୋକାନରୁ ଆରି କିଣିଥିବା ଯୁବକମାନଙ୍କୁ ପୋଲିସ ଚିହ୍ନଟ କରି ସେମାନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଅଭିଯୁକ୍ତମାନେ ୪ ସ୍ଥାନରୁ ଗୋଟିଏ ରାତିରେ ଏକତ୍ର ହୋଇ ଚୋରି କରିଥିବା ସ୍ୱୀକାର କରିଥିଲେ। ଚୋରି ସାମଗ୍ରୀକୁ ମିଥୁନ ଓ ଶିବ ପ୍ରସାଦ ସାମନ୍ତରାୟଙ୍କୁ ବିକ୍ରି କରିଥିଲେ। ସେମାନଙ୍କୁ ମଧ ପୋଲିସ ଥାନାକୁ ଆଣି ପଚରା ଉଚରା କରିବାରୁ ଚୋରି ସାମଗ୍ରୀ କିଣିଥିବା ସ୍ୱୀକର କରିଥିଲେ। ଚୋରି ଜିନିଷକୁ ପୋଲିସ ସେମାନଙ୍କଠାରୁ ଉଦ୍ଧାର କରିବା ସହ ୬ଜଣଙ୍କୁ ଜେଲ ପଠାଇଥିବା ଥାନାଧିକାରୀ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଦାବି ପୂରଣ ନ ହେଲେ ଷ୍ଟିୟରିଂ ଛାଡ଼

ପୁରୀ ଅଫିସ, ୧୯

ଓଡ଼ିଶା ଡ୍ରାଇଭର ମହାସଂଘର ପୁରୀ ଜିଲା ଶାଖା ପକ୍ଷରୁ ୧୦ ଦଫା ଦାବି ନେଇ ବୁଧବାର ଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଛି। ମହାସଂଘର ସଦସ୍ୟମାନେ ପୁରୀ ଡାକ୍ତରଖାନା ଛକଠାରୁ ଏକ ଶୋଭାଯାତ୍ରରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ମହାସଂଘର ପୁରୀ ଜିଲା ସଭାପତି ସୌମେନ୍ଦ୍ର ମହାପାତ୍ର କହିଛନ୍ତି, ବର୍ତ୍ତମାନ ଡ୍ରାଇଭରମାନଙ୍କ ଜୀବନ ଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଛି। କୋଭିଡ ମହାମାରୀ ସମୟରେ ସରକାରଙ୍କ ପକ୍ଷରୁ କୌଣସି ସହାୟତା ରାଶି ପ୍ରଦାନ କରାଯାଇନାହିଁ। ଡ୍ରାଇଭରଙ୍କ ସୁରକ୍ଷା ପ୍ରତି ମଧ ଦୃଷ୍ଟି ସରକାର ଦୃଷ୍ଟି ଦେଉନାହାନ୍ତି। ଡ୍ରାଇଭରଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଆଇନ ପ୍ରଣୟନ, ଗାଡ଼ି ପାର୍କିଂ ସ୍ଥାନ, ବିଶ୍ରାମାଗାର ଓ ଶୌଚାଳୟ ସୁବିଧା, ପେନସନ ବ୍ୟବସ୍ଥା, ଦୁର୍ଘଟଣାରେ ପ୍ରାଣ ହରାଉଥିବା ଡ୍ରାଇଭରଙ୍କ ପାଇଁ ୨୦ଲକ୍ଷ ଟଙ୍କା ବୀମା ରାଶି ଏବଂ ଅକର୍ମଣ୍ୟଙ୍କ ଲାଗି ୧୦ ଲକ୍ଷ ଟଙ୍କାର ବୀମାରାଶି ସହିତ ୫ଲକ୍ଷ ପର୍ଯ୍ୟନ୍ତ ଚିକିତ୍ସା ବୀମା ଯୋଗାଇ ଦେବାକୁ ଦାବି କରାଯାଇଛି। ସେହିପରି ଡ୍ରାଇଭରଙ୍କ ଲାଗି ମୂଲ୍ୟାୟନ ଓ ସମୟସୀମା ଧାର୍ଯ୍ୟ, ଦ୍ୱିତୀୟ ସୈନିକ ମାନ୍ୟତା, ଆବାସ ଯୋଜନାରେ ମାଧମରେ ଗୃହ ଯୋଗାଣ, ଡ୍ରାଇଭରଙ୍କ ପିଲା ପାଇଁ ଉଚ୍ଚଶିକ୍ଷା ବ୍ୟବସ୍ଥା, ରାସ୍ତାରେ ପ୍ରଶାସନ ହଇରାଣ ନ କରିବା ପ୍ରଭୃତି ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ରାଜ୍ୟରେ ଷ୍ଟିୟରିଂ ଛାଡ଼ ଆନ୍ଦୋଳନ କରାଯିବ ବୋଲି ମହାସଂଘ ପକ୍ଷରୁ କୁହାଯାଇଛି।




ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଡ୍ରାଇଭର ମହାସଂଘର ସଦସ୍ୟମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।